# ସାନଖେମୁଣ୍ଡି ବିଧାୟକଙ୍କୁ ସମ୍ବର୍ଦ୍ଧନା



**କୁକୁଡ଼ାଖଣ୍ଡି, ୫ ।୨(ସମିସ):** ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଉପାଧ୍ୟକ୍ଷ ଭାବେ ସାନଖେମୁଣ୍ଡି ବିଧାୟକ ତଥା ଗଞ୍ଜାମ ଜିଲ୍ଲା କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ଜେନାଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ଖବର ପ୍ରଚାରିତ ହେବା ପରେ ଦଳୀୟ ନେତା ଓ କର୍ମୀ ମହଲରେ ଉତ୍ସାହ ଦେଖିବାକୁ ମିଳିଛି । ରମେଶ ଜେନାଙ୍କ କାର୍ଯ୍ୟଦକ୍ଷତା ଓ ଦାୟିତ୍ୱ ପ୍ରତି ରାଜ୍ୟ କଂଗ୍ରେସ ନେତୃବୃନ୍ଦ ଉଚିତ ସମ୍ମାନ ଦେଇଛନ୍ତି ବୋଲି ତାଙ୍କ ଅନୁଗାମୀ ମହଲରେ କୁହାଯାଉଛି । କୁକୁଡ଼ାଖଣ୍ଡି ବ୍ଲକ୍ କଂଗ୍ରେସ କମିଟି ତରଫରୁ ଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ବ୍ଲକ କଂଗ୍ରେସ ସଭାପତି ପି. ଶିବପ୍ରସାଦ ଦୋରାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଓ ବିଧାୟକ ଜେନାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଛନ୍ତି । ରାଜ୍ୟ କିଷାନ କଂଗ୍ରେସ ଉପସଭାପତି ବୃନ୍ଦାବନ ଖଟେଇ, ବରିଷ୍ଠ ନେତା ରାଜେନ୍ଦ୍ର ରେଡ୍ଡୀ, ସୁବାସ ବେହେରା, ବନବାସ ପାଢ଼ୀ, ମଙ୍ଗଲୁ କୁମାରଙ୍କ ସହ ବ୍ଲକର ଶତାଧିକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ଓଡ଼ିଆ ଭାଷା ସମ୍ମିଳନୀ



**ଚିକିଟି, ୫ ।୨(ସମିସ):** ଚିକିଟି ଏନ୍ଏସି ସଭାଗୃହରେ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଏନ୍ଏସିରେ ଥିବା ବିଦ୍ୟାଳୟ ଗୁଡ଼ିକର ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି । ଏନଏସି ଅଧ୍ୟକ୍ଷା ଦୀପା କୁମାରୀ ସାହୁ, ଚିକିଟି ତହସିଲଦାର ବଳଦେବ ବେହେରା, ଶିଶୁ ଓ ମହିଳା ସମ୍ମନ୍ୱିତ ବିକାଶ ଅଧିକାରୀ ଗୀତାଞ୍ଜଳୀ ପାଢ଼ୀ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ଓ କାଉନସିଲରମାନେ ଉପସ୍ଥିତ ଥିଲେ । ଶେଷରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା ।

# ଲୋକାର୍ପିତ ହେବ ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପ








**ବ୍ରହ୍ମପୁର, ୫ ।୨(ସମିସ):**

ବିକାଶରେ ପ୍ରତିଟି ପର୍ଯ୍ୟାୟରେ ଗତିଶୀଳ ଗଞ୍ଜାମ । ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୃଷ୍ଟିରେ ବିକଶିତ ଏହି ଜିଲ୍ଲା । ସମ୍ପ୍ରତି ଗଞ୍ଜାମ ଭିତ୍ତିଭୂମି ବିକାଶରେ ଯୋଡ଼ି ହେବ ଆଉ ଫର୍ଦ୍ଦ । କୃଷି ସମେତ ଜଳ ଯୋଗାଣ କ୍ଷେତ୍ରରେ ସାଜିବ ମାଇଲଖୁଣ୍ଟ । ଖୁବଶୀଘ୍ର ଲୋକାର୍ପିତ ହେବ ବହୁ ପ୍ରତିକ୍ଷୀତ ଘଟେକେଶ୍ୱର ବହୁମୁଖୀ ପ୍ରକଳ୍ପ । ଏଥିଦ୍ୱାରା ଜମିକୁ ଜଳ ଓ ପାନୀୟ ଜଳ ଯୋଗାଣ ବେଶ ସୁଯୋଗ ହେବ । ସୂଚନା ଅନୁସାରେ ରାଜ୍ୟ ସରକାରଙ୍କ ଉଦ୍ୟମ ଓ ଜଳ ସମ୍ପଦ ବିଭାଗୀୟ ତତ୍ପରତାରେ ଖୁବଶୀଘ୍ର ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପ ଲୋକାର୍ପିତ ହେବ ବୋଲି ବିଭାଗ ସୂତ୍ରରୁ ସୂଚନା ମିଳିଛି । ସମ୍ପ୍ରତି ଏହି ପ୍ରକଳ୍ପର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ବିଭାଗ ଓ ଦାୟିତ୍ୱରେ ଥିବା ସଂସ୍ଥା ପକ୍ଷରୁ ଅନ୍ତିମ ସ୍ପର୍ଷ ଦିଆଯାଉଛି । ମୁଖ୍ୟମନ୍ତ୍ରୀଙ୍କ କରମଳରେ ଖୁବଶୀଘ୍ର ଘଟକେଶ୍ୱର ପ୍ରକଳ୍ପ ଲୋକାର୍ପଣ ସହ ଗଞ୍ଜାବାସୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ହେବ ବୋଲି କୁହାଯାଇଛି । ପରିବର୍ଦ୍ଧିତ ଅଟକଳ ଅନୁସାରେ ୩୨୪କୋଟି ଟଙ୍କାରେ ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପ ନିର୍ମିତ ହୋଇଛି । ଏହି ପ୍ରକଳ୍ପ କୁକୁଡ଼ାଖଣ୍ଡି, ବ୍ରହ୍ମପୁର, ରଙ୍ଗେଇଲୁଣ୍ଡା ଆଦି ଅଞ୍ଚଳରେ ଭୂତଳ ଜଳ ସଂରକ୍ଷଣ ଦିଗରେ ବିଶେଷ ସହାୟକ ହେବ । ସେହିଭଳି ଏଥିଦ୍ୱାରା ୭୧୦ହେକ୍ଟର

## ● ବିକାଶ ଫର୍ଦ୍ଦରେ ସାମିଲ ନୂଆ ଅଧ୍ୟାୟ, ଅନ୍ତିମ ସ୍ପର୍ଶ ଦେଉଛି ବିଭାଗ
## ● ସଫଳ ହୋଇଛି ସରକାରଙ୍କ ଉଦ୍ୟମ ଓ ବିଭାଗୀୟ ତତ୍ପରତା

ଜମିକୁ ଜଳସେଚନ ସୁଗମ ହୋଇପାରିବ । ଖରିଫ ସମେତ ରବି ଚାଷ ଓ ମାଛଚାଷ କ୍ଷେତ୍ରରେ ଉପାଦେୟ ହେବ । ଗୋପାଳପୁର ଇନଡ଼ୋଷ୍ଟ୍ରିଆଲ ଅଞ୍ଚଳକୁ ପ୍ରତିଦିନ ୧୦ଏମଏଲ୍ଡ଼ି ପାଣି ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଓସିସି ଦ୍ୱାରା ନିର୍ମାଣ କରାଯାଇଥିବା ଏହି ପ୍ରକଳ୍ପ କାର୍ଯ୍ୟକୁ ପୂର୍ବତନ ଅଧିକ୍ଷଣ ଯନ୍ତ୍ରୀ ତଥା ବର୍ତ୍ତମାନର ଋଷିକୂଲ୍ୟା, ବାହୁଦା, ବଂଶଧାର ଓ ନାଗାବଳୀ ଅବବାହିକାର ମୁଖ୍ୟଯନ୍ତ୍ରୀ ଇଂ ସଞ୍ଜିମ କୁମାର ଦାଶ ଶର୍ମା ପ୍ରତ୍ୟେକ ଦିନ ତଦାରଖ କରୁଥିଲେ । ଘଟକେଶ୍ୱର ପ୍ରକଳ୍ପ କାର୍ଯ୍ୟ ୨୦୨୧ମସିହା ଡ଼ିସେମ୍ବର ମାସରେ ଆରମ୍ଭ ହୋଇଥିବା ବେଳେ ୨୦୨୨ମସିହା ଏପ୍ରିଲ ମାସରେ ତ୍ୱରାନ୍ୱିତ ହୋଇଥିଲା । ବିଗତବର୍ଷ ଏପ୍ରିଲ ମାସରେ ପୂର୍ବତନ "୫-ଟି' ସଚିବ ତଥା ବର୍ତ୍ତମାନର ଆମ ଓଡ଼ିଆ ନବୀନ ଓଡ଼ିଶା ଓ "୫-ଟି' ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନ ଏହି ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ । ତତପରେ ଏହି କାର୍ଯ୍ୟ ଅଧିକ ମାତ୍ରାରେ ତ୍ୱରାନ୍ୱିତ ହୋଇଥିଲା । ଅନ୍ୟପକ୍ଷରେ ବ୍ରହ୍ମପୁର ସମେତ ଆଖପାଖ ଅଞ୍ଚଳବାସୀଙ୍କ ପାଇଁ ନୂଆ ସଞ୍ଜିବନୀ ହେବ ଘଟକେଶ୍ୱର ପ୍ରକଳ୍ପ । ଏଥିଦ୍ୱାରା ଆଖପାଖ ଅଞ୍ଚଳର ଲୋକେ ବେଶ୍ ଉପକୃତ ହେବେ । ଘଟକେଶ୍ୱର ବହୁମୁଖୀ ପ୍ରକଳ୍ପ ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକର କଙ୍କିଆଠାରେ ନିର୍ମିତ ହୋଇଛି । ଏହି ଡ଼୍ୟାମ୍‌ର ଲମ୍ବ ୨୬୬ମିଟର ରହିଥିବା ବେଳେ ଉଚ୍ଚତା ୩୯ମିଟର ରହିଛି । ଡ଼୍ୟାମ୍‌ର ଜଳଦାନ କ୍ଷମତା ୮୫୯ହେକ୍ଟର ମିଟର ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି । ଡ଼୍ୟାମ୍‌ରେ ବନ୍ୟାଜଳ ନିଷ୍କାସନ ନିମନ୍ତେ ୩ଟି ଗ୍ୟାଟ୍ ସଂଲଗ୍ନ ହୋଇଛି । ଏହା ୩ମିଟର ଲମ୍ବ ଓ ୬ମିଟର ଉଚ୍ଚତା ବିଶିଷ୍ଟ ବୋଲି ସୂଚନା ମିଳିଛି । ଜମିକୁ ଜଳସେଚନ ଲାଗି ଭୂମି ତଳେ ପାଇପ୍ ବିଛାଯାଇଛି । ଏହି କାର୍ଯ୍ୟର ମାନ ଅତି ଉଚ୍ଚକୋଟିର ଥିବା ବିଭାଗ ସୂତ୍ରରୁ ଜଣାଯାଇଛି । ଗୁଣ ନିର୍ଦ୍ଧାରଣ ଡ଼ିଭିଜନ୍ ପକ୍ଷରୁ ପ୍ରତିଦିନ ଏହାର ଯାଞ୍ଚ ମଧ୍ୟ କରାଯାଇଥିଲା । ବ୍ରହ୍ମପୁର ସହରଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ଘଟକେଶ୍ୱର ପ୍ରକଳ୍ପ ନିର୍ମାଣ ଚାଲିଥିବା ବେଳେ ୨୩.୫୫ ବର୍ଗ କିଲୋମିଟର ଜମିରେ ଏହା ପରିବ୍ୟାପ୍ତ । ଏହି ପ୍ରକଳ୍ପ ଦ୍ୱାରା କୁକୁଡାଖଣ୍ଡି ବ୍ଲକ୍‌ର ୪ଗୋଟି ଗ୍ରାମର ଜମି ଜଳସେଚିତ ହୋଇପାରିବ ବୋଲି ଆକଳନ କରାଯାଇଛି । ଏହା ବ୍ୟତୀତ ଏହି ପ୍ରକଳ୍ପଟି ବ୍ରହ୍ମପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ୧ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ପାନୀୟ ଜଳ ଯୋଗାଇବ ବୋଲି ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି । ଦୀର୍ଘ ବର୍ଷ ପୂର୍ବେ ଏହି ପ୍ରଳଳ୍ପ ପରିକଳ୍ପନା କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସକ୍ରମେ ସମ୍ପ୍ରତି ଗୋଟିଏ ପରେ ଏହା ଏକ ବୃହତ୍ତ ପ୍ରକଳ୍ପର ରୂପ ଧାରଣ କରିବାକୁ ଯାଉଛି । ଏଥିପାଇଁ ଅଞ୍ଚଳବାସୀ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

# ପୁଲିସକୁ ସଫଳତା
# କମୁଛି ଲାଲ୍ ବାହିନୀ ପତିଆରା

**ଫୁଲବାଣୀ, ୫।୨(ସମିସ):** କନ୍ଧମାଳ ଜିଲ୍ଲାରେ କିଛି ଦିନ ହେବ ମାଓ ସଂଗଠନକୁ ଝଟକା ଲାଗିଛି । ପୁଲିସର ଲଗାତାର କମ୍ବିଂ ଅପରେସନରେ ଟପ ମାଓବାଦୀ ନିହତ ହେବା ଓ କିଛି ନକ୍ସଲ ଆତ୍ମସର୍ମପଣ ପରେ କେକେବିଏନ ମାଓ ସଂଗଠନ ଦାୟିତ୍ୱ ନେବ ନା ସଂଗଠନ ଦୁର୍ବଳ ହୋଇ ଅସ୍ତିତ୍ୱ ହରାଇବ ତାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି । ଜଣେ ବରିଷ୍ଠ ପୁଲିସ ଅଧିକାରୀ ଦାସୁରୁ ନିହତ ପରେ ସଂଗଠନ ଦୁର୍ବଳ ହେବ ବୋଲି ଛତିଶଗଡ ନକ୍ସଲ ପ୍ରବେଶ କରି ମାଓ ବିପ୍ଳବ କରୁଥିଲେ । ଜିଲ୍ଲାର କେକେବିଏନ ମାଓ ସଂଗଠନରେ ଜାମ୍ପାନା ଓ ସ୍ତ୍ରୀ ଦୁର୍ଗାଙ୍କ ମୁଖ୍ୟ ନେତୃତ୍ୱରେ ରହିଥିଲା । କଳାହାଣ୍ଡି-କନ୍ଧମାଳ ବର୍ଡର ଦାୟିତ୍ୱ ଗୁଡୁ ମଣ୍ଡାରୀ ଓରଫ ଦାସୁର

## ● ଆନ୍ଧ୍ର ପୁଲିସ ସମ୍ମୁଖରେ ଜାମ୍ପାନା, ସ୍ତ୍ରୀ ଦୁର୍ଗା କରିଥିଲେ ଆତ୍ମସମର୍ପଣ
## ● ପୂର୍ବରୁ ବାଦଲ , ଏବେ ଦାସୁରୁ ନିହତ







ଲାଲ ବାହିନୀର ପତିଆରା ଧୀରେ ଧୀରେ କମିବାରେ ଲାଗିଛି । ଜିଲ୍ଲାରେ କାମ କରୁଥିବା କେକେବିଏନ (କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ) ମାଓ ସଂଗଠନ ବର୍ତ୍ତମାନ ନେତାଶୂନ୍ୟ ହୋଇଯାଇଥିବା ଅନୁମାନ କରାଯାଉଛି । ସଂଗଠନରେ ମୁଖ୍ୟ ନେତା ନିହତ ଓ ଆତ୍ମସର୍ମପଣ କରିବା ପରେ କିଏ ଆଶା ବ୍ୟକ୍ତ କରିବା ସହ କମ୍ବିଂ ଅପରେସନକୁ ଜୋରଦାର କରାଯିବ ବୋଲି କହିଛନ୍ତି ।

ପୁଲିସ ରେକର୍ଡ ଅନୁଯାଇ କନ୍ଧମାଳ ଜିଲ୍ଲାରେ ପୂର୍ବରୁ ଟପ୍ ମାଓ ନେତା ସବ୍ୟସଚୀ ପଣ୍ଡା ସଂଗଠନର ଦାୟିତ୍ୱ ନେଇ ପୁରା ମାଓ ଦୁର୍ଗ ସମ୍ଭାଳୁଥିଲେ । ବ୍ରହ୍ମପୁରରୁ ସବ୍ୟସାଚୀ ଗିରଫ ହେବା ପରେ ଜିଲ୍ଲାକୁ ହାତରେ ଥିଲା । ବୌଦ୍ଧ-ନୟାଗଡ ବର୍ଡର ଶଙ୍କର ମାଝି ଓରଫ ବାଦଲ ଦାୟିତ୍ୱ ନେଇ କନ୍ଧମାଳ ଜିଲ୍ଲାରେ ମାଓ ଆତଙ୍କ ଘଟାଇ ଚାଲିଥିଲେ । ପୂର୍ବରୁ ମାଓ ବିରୋଧି ଅଭିଯାନ ଜିଲ୍ଲା ପୁଲିସ ହାତରେ ଥିବାବେଳେ ପରବର୍ତ୍ତି ସମୟରେ ସିଆରପିଏଫ, ବିଏସ୍ଏଫ ଭଳି ଅର୍ଦ୍ଧସାମରିକ ବାହିନୀ ଏଥିରେ ସାମିଲ ହୋଇଥିଲେ । ବହୁ ବର୍ଷ ପୁର୍ବରୁ ଜାମ୍ପାନା ଓ ସ୍ତ୍ରୀ ଦୁର୍ଗା ଆନ୍ଧ୍ର ପୁଲିସ ସମୁଖରେ ଆତ୍ମସର୍ମପଣ କରିଥିଲେ । ୨୦୧୮ରେ କନ୍ଧମାଳ ଜିଲ୍ଲାର ସୁତ୍ରୁକୁମ୍ପା ଜଙ୍ଗଲରେ ଯବାନଙ୍କ ଗୁଳିରେ ମାଓ ନେତା ବାଦଲ ସହ ସମୁଦାୟ ୫ଜଣ ନିହତ ହୋଇଥିଲେ । ତାପର ଠାରୁ କେକେବିଏନ ମାଓ ସଂଗଠନ ଏକ ପ୍ରକର ଦୁର୍ବଳ ସ୍ଥିତିରେ ଗତି କରୁଥିବା ବେଳେ ଦାସୁର ପୁରା ଲାଲବାହିନୀ ସାମ୍ରାଜ୍ୟକୁ ନିୟନ୍ତ୍ରଣ କରୁଥିଲା । ପୁଲିସ ଅପରେସନ ବେଳେ ଶନିବାର ଦାସୁର ନିହତ ହେବା ପରେ ମାଓ ସଂଗଠନକୁ ଝଟ୍‌କା ଲାଗିବା ସହ ନେତା ଶୂନ୍ୟ ହୋଇଥିବା ଏହି ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି । ତେବେ ବର୍ତ୍ତମାନ ସ୍ଥିତିରେ ସଂଗଠନର ଦାୟିତ୍ୱ କିଏ ନେବ ନା ଅସ୍ଥିତ୍ୱ ହରାଇବ ସେଥିନେଇ ଆଲୋଚନା ହେଉଛି ।

# ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



**ରମ୍ଭା, ୫ ।୨(ସମିସ):** ସ୍ଥାନୀୟ ଷଣ୍ଡପୁର ଗ୍ରାମରେ ଏକଦିବସୀୟ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ କଣ୍ଡଳେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ମନୁଷ୍ୟ ମଧ୍ୟରେ ଦେବତ୍ୱଗୁଣର ଜାଗରଣ ଉପରେ ଆଲୋକପାତ କରିଥିଲେ ବରିଷ୍ଠ ଗାୟତ୍ରୀ ସାଧକ ଇଂଜିନିୟର ପ୍ରଭାକର ପଣ୍ଡା । ମନ୍ତ୍ର ପାଠ ପରିବ୍ରାଜକ ଜୟନ୍ତ କୁମାର ମିଶ୍ର ଦେଇଥିବା ବେଳେ ଯୁଗ ସଙ୍ଗୀତ ପରିବେଷଣ କରିଥିଲେ ସାଧକ କୃଷ୍ଣଚନ୍ଦ୍ର ମହାରଣା । ୧୦ ଜଣ ଦେବକନ୍ୟା ତଥା ମହିଳାମାନଙ୍କ ଦ୍ୱାରା ବିରାଟ କଳସ ଶୋଭାଯାତ୍ରା ପରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗାୟତ୍ରୀ ସାଧକ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ରାଜେନ୍ଦ୍ର ପ୍ରସାଦ ରଥ, ହରିହର ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ ରବୀନ୍ଦ୍ର ନାଥ ଦାସ, ଗୀତାଞ୍ଜଳି ଦାସ, ପୁଷ୍ପାଞ୍ଜଳି ସାହୁ, ସଚିକାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ । ଅଧ୍ୟାପକ ସୁଶାନ୍ତ କୁମାର ରାଉତ ଉପସ୍ଥିତ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ ।

# ବ୍ଲକ୍‌ସ୍ତରୀୟ ଭାଷା ସମ୍ମିଳନୀ ପ୍ରତିଯୋଗିତା

**ଧରାକୋଟ, ୫ ।୨(ସମିସ):** ଧରାକୋଟସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ବିଭିନ୍ନ ପ୍ରତିଯୋଗିତା ଓ ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ପୁରସ୍କାର ବିତରଣ ଉତ୍ସବରେ ବିଇଓ ଲିଙ୍ଗରାଜ ସ୍ୱାଇଁ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସାହୁ, ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରଦୀପ କୁମାର ହୋତା ଉପସ୍ଥିତ ଥିଲେ । ସିଆର୍‌ସିସି ଭାସ୍କର ବାଡତ୍ୟାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ୧୫୦ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ସେଥିରୁ ୧୫ ଜଣ ପୁରସ୍କାର ପାଇଥିବା ବେଳେ ୧୨ ଜଣ ବ୍ରହ୍ମପୁର ଭିଭିଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲେ ।

# 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

**ଛତ୍ରପୁର, ୫ ।୨(ସମିସ):** ଛତ୍ରପୁର ବ୍ଲକରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ବରିଷ୍ଠ ନେତାମାନେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି । ବିପୁଲିଙ୍ଗୀ ପଞ୍ଚାୟତର ତେଲାପଲ୍ଲୀ ଗ୍ରାମରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏଥିରେ ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଯୁବ ବିଜେଡି ଛତ୍ରପୁର ବ୍ଲକ ସଭାପତି କାଳିଆ ନାହାକ, ଯୁବ ନେତା ସୁରେଶ ଦାଶ, ଲକ୍ଷ୍ମଣ ସେଠୀ, ବୈରାଗୀ ଚରଣ ସାହୁ ଓ କିଶୋର ବେହେରା, ବିପୁଲିଙ୍ଗି ସରପଞ୍ଚ ହିନା ସେଠୀଙ୍କ ସମେତ ବହୁ ମହିଳା, ଯୁବ ଓ ଛାତ୍ର ନେତା ସାମିଲ ଥିଲେ ।

## ● ଅତିରିକ୍ତ ତହସିଲଦାରଙ୍କ ମନମୁଖି କାର୍ଯ୍ୟ
# ପ୍ରମାଣପତ୍ର ପାଇବାକୁ ଲୋକେ ହନ୍ତସନ୍ତ

**ପାତ୍ରପୁର, ୫ ।୨(ସମିସ):** ପାତ୍ରପୁର ତହସିଲକୁ ଦୌଡ଼ି ଦୌଡ଼ି ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି । ବର୍ତ୍ତମାନର ବିଭିନ୍ନ ପ୍ରମାଣପତ୍ର ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରାଯାଉଥିବାବେଳେ ବିଭିନ୍ନ ଆଳ ଦେଖାଇ ପ୍ରମାଣପତ୍ର ଖାରଜ କରୁଥିବା ବେଳେ ସାଧାରଣ ଲୋକେ ତହସିଲ କାର୍ଯ୍ୟାଳୟକୁ ଦୌଡୁଥିବା ବେଳେ ପ୍ରମାଣପତ୍ର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାରଙ୍କ ଦେଖା ନପାଇ ଫେରୁଛନ୍ତି । ଅତିରିକ୍ତ ତହସିଲଦାର ୪ଟି ରାଜସ୍ୱ କାର୍ଯ୍ୟାଳୟ ପ୍ରମାଣପତ୍ର ଦାୟିତ୍ୱରେ ଥିବାବେଳେ ପୂର୍ବତନ ତହସିଲଦାର ପ୍ରଶାନ୍ତ କୁମାର ସେଠୀ ତହସିଲଦାର ଭାବେ ଦାୟିତ୍ୱ ନେବା ପରେ ସମ୍ପୂର୍ଣ୍ଣ ୮ଟି ରାଜସ୍ୱ ଦାୟିତ୍ୱ ଦେଇଥିଲେ । ଛାତ୍ରଛାତ୍ରୀ ତଥା ସାଧାରଣ ଲୋକେ ବିଭିନ୍ନ ପ୍ରମାଣପତ୍ର ଆବେଦନ କରୁଥିବା ବେଳେ ଠିକ୍ ସମୟରେ ପ୍ରମାଣପତ୍ର ମିଳୁନଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ସେହିପରି ଅତିରିକ୍ତ ତହସିଲଦାର ପ୍ରାୟ ୧ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଡେପୁଟେସନରେ ଛତ୍ରପୁର ଯାଇଥିବାବେଳେ ସେଠାରେ ରହି ପ୍ରମାଣପତ୍ର କାର୍ଯ୍ୟ ବୁଝିଛନ୍ତି । ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଅନୁସାରେ ପ୍ରମାଣପତ୍ର ପ୍ରସ୍ତୁତ କରୁଥିବାବେଳେ ବିଭିନ୍ନ ସମୟରେ କାଗଜପତ୍ର ଠିକ୍ ଥିଲେ ସୁଦ୍ଧା ଅନେକ ପିଲାଙ୍କ ଜାତି ଓ ବାସିନ୍ଦା ପ୍ରମାଣ ପତ୍ର ଖାରଜ କରୁଥିବା ଅଭିଯୋଗ ହୋଇଛି । ସଠିକ୍ ସମୟରେ ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ ପ୍ରମାଣପତ୍ର ହୋଇପାରୁନଥିବାବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲୋକେ ଅତିରିକ୍ତ ତହସିଲଦାରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କଲେ ବିଗିଡ଼ିବା ସହ ଦୁର୍ବ୍ୟବହାର ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, ଅତିରିକ୍ତ ତହିସଲଦାର ସବ୍-ରେଜିଷ୍ଟର କାର୍ଯ୍ୟାଳୟରେ ସବ୍‌ରେଜିଷ୍ଟର ଦାୟିତ୍ୱରେ ଥିଲାବେଳେ ଦଲିଲ ଲେଖାଳିଙ୍କ ସହ ଓ ଜମି କିଣା ବିକା କରୁଥିବା ଲୋକଙ୍କ ସହ ବ୍ୟବହାର ଠିକ ନକରିବାରୁ ଅନିର୍ଦ୍ଦିଷ୍ଟ କାଳ ଲେଖାଳିମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ । ପ୍ରଶାସନ ସମ୍ପୃକ୍ତ ଅଧିକାରୀଙ୍କୁ ସ୍ଥାନାନ୍ତର କରିବାରୁ ବିବାଦ ଥମିଥିଲା । ଏନେଇ ଅତିରିକ୍ତ ତହସିଲଦାରଙ୍କ ସହ ଯୋଗାଯୋଗ କରିବାରୁ ଚେଷ୍ଟା କରିଥିଲେ ଯୋଗାଯୋଗ ସମ୍ଭବ ହୋଇନଥିଲା । ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ ସହ ପ୍ରମାଣପତ୍ର ପ୍ରଦାନ ଠିକ୍ ସମୟରେ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଛତ୍ରପୁର, ୫ ।୨(ସମିସ):**



ଛତ୍ରପୁର ବ୍ଲକ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ତ୍ରିଲୋଚନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ କୃଷି ବିପଣନ ନିଗମ ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡି, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ମୁନା ଦାସ, ଆର୍ଯ୍ୟପଲ୍ଲୀ ସମିତି ସଭ୍ୟା ଚୁମକି ସେଠୀ, ନାଏବ ସରପଞ୍ଚ ଡବ୍ଲୁ କାଲାମ୍ମା, ଗଞ୍ଜାମ ଜିଲ୍ଲା ମତ୍ସ୍ୟଜୀବୀ ନେତା ଏମ. ଗୁମାଲୀ, ବିଜେଡି ନେତା ବି. ଭୀମସେନ, ଆର. ଗୋବିନ୍ଦା, ଏମ. ଦିଲ୍ଲୀପ, ଜେ. ଚିନେୟା, ଏନ. ଦେବେନ୍ଦ୍ର, କାହ୍ନୁଚରଣ ବେହେରା, ଶ୍ରମିକ ନେତା ଶଙ୍କରପ୍ରସାଦ ଦାଶ, ଯୁବ ନେତା ବାପି ଦାସ, ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡି, ମଥୁରାଚରଣ ସୁବୁଦ୍ଧି ଓ ଜ୍ୟୋତି ରଞ୍ଜନ ସାହୁ, ଏନ ୱାର୍ଦ୍ଧ ରାଜୁଲୁ ରେଡି, ନୀଳାଦ୍ରୀ ପ୍ରଧାନଙ୍କ ସମେତ ବହୁ ଜନପ୍ରତିନିଧି, ମିଶନ ଶକ୍ତିର ମହିଳା, ଭଦ୍ର ବ୍ୟକ୍ତି ଏବଂ ମତ୍ସ୍ୟଜୀବୀମାନେ ଯୋଗଦେଇଥିଲେ ।

**ଧରାକୋଟ:** ଧରାକୋଟ ବ୍ଲକର ବରାଡାବାଲି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଞ୍ଚ ଅହଲ୍ୟା ସ୍ୱାଇଁ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ଧରାକୋଟ ବିଡିଓ ଡେନିସ ବେହେରା, ସମ୍ମାନିତ ଅତିଥି ଭାବେ ତହସିଲଦାର ଲମ୍ବୋଦର ମାରାଣ୍ଡି, ସହକାରୀ ଯନ୍ତ୍ରୀ




ପ୍ରମୋଦ ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ଡି. କନ୍ୟା କୁମାରୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କିଶୋର ସାହୁ, ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପାତ୍ର, ପିଇଓ ରୋଜାଲିନ ପ୍ରଧାନ, ନାଏବ ସରପଞ୍ଚ ଚିତ୍ରସେନ ସାହୁ ପ୍ରମୁଖ ମଞ୍ଚାସୀନ ରହିଥିବା ବେଳେ ଯୁବ ପ୍ରତିଭା ଜିତେନ୍ଦ୍ର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅରବିନ୍ଦ ସ୍ୱାଇଁ, ମୁନା ସ୍ୱାଇଁ, ସନ୍ତୋଷ ପାଣିଗ୍ରାହୀ, ମିଥୁନ ସ୍ୱାଇଁ, ଲକ୍ଷ୍ମଣ ସ୍ୱାଇଁଙ୍କ ସମେତ ଯୋଗାଣ ସହାୟକ ଧନୁର୍ଦ୍ଧର ପଣ୍ଡା ସହଯୋଗ କରିଥିଲେ । ଏହି ଅବସରରେ ସମସ୍ତ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଏସ୍‌ଏଚ୍‌ଜି ଗ୍ରୁପ୍‌ଙ୍କ ସମେତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।









## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା ଅଭିଯୋଗ ଆଣିଲେ ପରିବାର

ବ୍ରହ୍ମପୁର, ୫ ।୨(ସମିସ): ବଡ଼ବଜାର ଥାନା ଅର୍ନ୍ତଗତ ଓମ୍ ନଗର ସ୍ଥିତ ଏକ ଘରୁ ପୁଲିସ ଜଣେ ମହିଳାଙ୍କ ମୃତ ଶବ ଜବତ କରିବା ସହ ବ୍ୟବଛେଦ ପାଇଁ ବଡ଼ ମେଡ଼ିକାଲ ପଠାଇଛି । ମହିଳା ଜଣଙ୍କ ହେଲେ ପାଣ୍ଡିଆଖୋଲି ଗ୍ରାମର ବୁଡୁପାତ୍ର ଅରଫ ପ୍ରଶାନ୍ତଙ୍କ ସ୍ତ୍ରୀ ସସ୍ମିତା ପାତ୍ର(୩୨) । ଝିଅ ସସ୍ମିତାର ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି । ଜ୍ୱାଇଁପୁଅ ବୁଡୁ ହିଁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚାହୁଁଛି ବୋଲି ମୃତକ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି । ସ୍ୱାମୀ ବୁଡୁ ଘରେ ନଥିବାରୁ ମୃତ୍ୟୁକୁ ନେଇ ସନ୍ଦେହ ଘନିଭୂତ ହୋଇଛି । ଅନ୍ୟପକ୍ଷରେ ସସ୍ମିତାଙ୍କ ବେକ ସମେତ ଅନ୍ୟାନ୍ୟ ସ୍ଥାନରେ କଳା ଦାଗ ଦେଖିବାକୁ ମିଳିଛି । ତେଣୁ ଏହା ଏକ ହତ୍ୟା ବୋଲି



ପୁଲିସ ସନ୍ଦେହ କରୁଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସସ୍ମିତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ବୁଡୁ ୧୨ବର୍ଷ ପୂର୍ବେ ଗୁଣ୍ଠବନ୍ଧ ଗ୍ରାମର ସସ୍ମିତାଙ୍କୁ ବିବାହ କରିଥିଲେ । ତାଙ୍କର ୨ଟି ସନ୍ତାନ ଅଛନ୍ତି । ବୁଡୁ କିଛି ବର୍ଷ ହେବ ନିଜ ସ୍ତ୍ରୀକୁ ନେଇ ଓମ୍ ନଗରରେ ରହି ଆସୁଥିଲେ । ୨ସନ୍ତାନ ଅଜା ଘର ଗୁଣ୍ଠବନ୍ଧରେ ରହି ପାଠ ପଢୁଥିଲେ । ସୋମବାର ପୂର୍ବାହ୍ନରେ ସସ୍ମିତାଙ୍କ ମୃତ୍ୟୁ ଖବର ପାଇ ତାଙ୍କ ବାପା ଶଙ୍କର ଓମ୍ ନଗରରେ ପହଞ୍ଚିଥିଲେ । ଝିଅ ଘର ଚଟାଣରେ ମରି ପଡ଼ିଥିବା ଦେଖିଥିଲେ । ଶଙ୍କର ନିଜ ଜ୍ୱାଇଁପୁଅଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ରିସିଭ୍ କରିନଥିଲେ । ଏହାପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ତାଙ୍କ ଝିଅକୁ ହତ୍ୟା କରିବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ ପ୍ରୟାସ କରାଯାଇଛି ବୋଲି ମୃତ ସସ୍ମିତାଙ୍କ ବାପା ବଡ଼ ବଜାର ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ଥାନାରେ ପୁଲିସ ହତ୍ୟା ମାମଲା ରୁଜୁ କରିଛି । ଏହା ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଥ୍ୟ ପାଇଁ ଘଟଣାସ୍ଥଳରୁ ଲୁଗା, କାଠ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି ।

## ସ୍କୁଲ ବସ୍ ମାର୍ଗଦର୍ଶିକା | ବେଖାତିର କରୁଛନ୍ତି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ

# ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି ଛାତ୍ରଛାତ୍ରୀ

ବ୍ରହ୍ମପୁର, ୫ ।୨(ସମିସ)

ଦେଶର ବିଭିନ୍ନ ସ୍ଥାନରେ ସ୍କୁଲ ବସଗୁଡିକ ଦୁର୍ଘଟଣାଗ୍ରସ୍ତ ହେବାପରେ ଏନେଇ ଖୋଳତାଡ ଆରମ୍ଭ ହୋଇଥିଲା । ଦୁର୍ଘଟଣାର କାରଣ ଖୋଜିବା ବେଳେ ବହୁ ତଥ୍ୟ ପଦାକୁ ଆସିଥିଲା । ଯାହାକୁ ଆଧାର କରି ସୁପ୍ରିମକୋର୍ଟ ଦେଶବ୍ୟାପୀ ଉଭୟ ସରକାରୀ ଓ ବେସରକାରୀ ସମସ୍ତ ଶିକ୍ଷାନୁଷ୍ଠାନର ବସଗୁଡିକ ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଥିଲେ । ମାର୍ଗଦର୍ଶିକା ପ୍ରକାରେ ସମସ୍ତ ବସ ହଳଦିଆ ରଙ୍ଗର ହେବା ଜରୁରୀ ହୋଇଥିବା ବେଳେ ବସ ଗୁଡିକରେ ଉଭୟ ଆଗ ଓ ପଛ ଭାଗରେ ସ୍କୁଲର ନାମ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବା ସହିତ ସ୍କୁଲର ଟେଲିଫୋନ ନମ୍ବର ରହିବା ମଧ୍ୟ ବାଧ୍ୟତାମୂଳକ । ଯଦି ଭଡାସୂତ୍ରରେ ବସ ନିୟୋଜିତ ରହିଛି ତେବେ ସେଥିରେ "ଅନ ସ୍କୁଲ ଡ୍ୟୁଟି' ବୋଲି ସ୍ପଷ୍ଟ ଉଲ୍ଲେଖ ରହିବା ଉଚିତ । ସମସ୍ତ ବସରେ "ଫାଷ୍ଟ ଏଡ ବକ୍ସ ସହ ଅଗ୍ନି ନିର୍ବାପକ ବ୍ୟବସ୍ଥା' ରହିବା ଜରୁରୀ । ବସର ଝରକାଗୁଡିକ ଗ୍ରୀଲ ସହିତ ଫିଟିଂ ହେବା ସହିତ ବସ ବା ଭ୍ୟାନର ବେଗ ଘଣ୍ଟାପ୍ରତି ୫୦କିଲୋମିଟର ବେଗରୁ ଅଧିକ ହେବନାହିଁ । ଡ୍ରାଇଭରର ଅନ୍ୟୁନ ୫ବର୍ଷର ଗାଡିଚାଳନା ନେଇ ଅଭିଜ୍ଞତା ସହିତ ଭାରିଯାନ ଲାଇସେନ୍ସ ଥିବା ଦରକାର । ବସଗୁଡିକରେ ଅନ୍ତତଃପକ୍ଷେ ଜଣେ କଣ୍ଡକ୍ଟର ବା ହେଲପର ସହିତ ସ୍କୁଲ ପକ୍ଷରୁ ଜଣେ ମାର୍ଗଦର୍ଶକ ୟୁନିଫର୍ମ ସହିତ ରହିବା ସହିତ ପ୍ରତି ସିଟ ତଳେ ସ୍କୁଲ ଛାତ୍ରଛାତ୍ରୀଙ୍କ ବ୍ୟାଗ ରଖିବାକୁ ସ୍ଥାନ ଥିବା ଜରୁରୀ । ପ୍ରତ୍ୟେକ ବସର ବାର୍ଷିକ ଫିଟନେସ ଯାଞ୍ଚ ହୋଇ ସାର୍ଟିଫିକେଟ ରହିବା ଉଚିତ । ଏହି ମାର୍ଗଦର୍ଶିକାକୁ କଡାକଡି ପାଳନ କରିବାକୁ ମଧ୍ୟ ସବୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଜାରି କରାଯାଇଥିଲା । ଏହି କ୍ରମରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡିକୁ ମାର୍ଗଦର୍ଶିକା ଜାରି କରାଯାଇ ଏହାକୁ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିସହିତ ବିଭିନ୍ନ ସହରରେ ପରିବହନ ବିଭାଗ ପକ୍ଷରୁ ମଧ୍ୟ ଯାଞ୍ଚକୁ କଡାକଡି କରାଯାଇଥିଲା । ତେବେ ଏହି ଯାଞ୍ଚ କେବଳ ଲୋକ ଦେଖାଣିଆ ବୋଲି ପରବର୍ତ୍ତି ସମୟରେ ଅଭିଯୋଗ ମଧ୍ୟ ହୋଇଥିଲା । କାରଣ ସୁପ୍ରିମକୋର୍ଟଙ୍କ ଏହି ମାର୍ଗଦର୍ଶିକାକୁ ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକ ପାଳନ କରିବା ତ ଦୂରର କଥା ବରଂ ସେମାନେ ବେଖାତିର କରୁଥିବା ଦେଖିବାକୁ ମିଳିଛି । ଅପରପକ୍ଷେ ପ୍ରଶାସନ କିମ୍ବା ପରିବହନ ବିଭାଗ ପକ୍ଷରୁ ମଧ୍ୟ ଏଦିଗରେ କୌଣସି

### ପ୍ରଶାସନ ଓ ପରିବହନ ବିଭାଗ ନିରବଦ୍ରଷ୍ଟା

ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ବରଂ ନିରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଛି । ବ୍ରହ୍ମପୁର ସହରରେ ଥିବା ଏକମାତ୍ର କେନ୍ଦ୍ରୀୟ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ବସ "ଘରୋଇ' ଅର୍ଥାତ ସ୍କୁଲର ନିଜସ୍ୱ ବସ ନଥିବା ଦେଖିବାକୁ ମିଳିଛି । ପ୍ରତିଦିନ ଛାତ୍ରଛାତ୍ରୀଙ୍କୁ ଏହି ବସଗୁଡିକରେ ଅସୁରକ୍ଷିତ ଭାବେ ନେବାଆଣିବା କରାଯାଉଛି । ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେବାଆଣିବା ପାଇଁ ନିୟୋଜିତ ଥିବା ବସଗୁଡିକର ଫିଟନେସ ସାର୍ଟିଫିକେଟ ଅଛି କି ନାହିଁ ତାକୁ ନେଇ ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । କେବଳ କେନ୍ଦ୍ରୀୟ ବିଦ୍ୟାଳୟ ନୁହେଁ ବରଂ ସହରର ବିଭିନ୍ନ ଘରୋଇ



ଶିକ୍ଷାନୁଷ୍ଠାନରେ ଏକା ପରିସ୍ଥିତି । ମାର୍ଗଦର୍ଶିକାକୁ ବିଭିନ୍ନ ସ୍ଥାନରେ ଅନୁପାଳନ ହେଉନଥିବା ଦେଖିବାକୁ ମିଳିଛି । ସହରର କେତେକ ଘରୋଇ ସ୍କୁଲର ବସରେ ଡ୍ରାଇଭର ବ୍ୟତିତ ଅନ୍ୟ କର୍ମଚାରୀ ନଥିବାରୁ ଛାତ୍ରମାନେ ଚଳନ୍ତା ବସର ଗେଟ ନିକଟରେ ଠିଆ ହୋଇ ଅସୁରକ୍ଷିତ ଭାବେ ହେଲପର ଦାୟିତ୍ୱ ନିର୍ବାହ କରୁଥିବା ନଜିର ରହିଛି । ସେହିଭଳି ନିକଟରେ ଅନ୍ୟଏକ ଘରୋଇ ସ୍କୁଲ ବସରେ ଜଣେ କୁନି ଛାତ୍ରୀ ଦିର୍ଘ ଦୁଇଘଣ୍ଟା ଧରି ଶୋଇପଡ଼ିଥିବା ଜଣାପଡ଼ିଛି । ଏନେଇ କୁନି ଛାତ୍ରୀ ଜଣକ ନିଦରୁ ଉଠି କାନ୍ଦିବା ପରେ ଜଣାପଡ଼ିଥିଲା । ଏବଂ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଙ୍କୁ ବସ ମଧ୍ୟରୁ ବାହାର କରିଥିଲେ । ଏଭଳି ବିଭିନ୍ନ ସମୟରେ ବହୁ ଅଘଟଣ ଘଟୁଥିଲେ ହେଁ ଅଭିଭାବକମାନେ ଚୁପ ରହୁଥିବା ଦେଖିବାକୁ ମିଳୁଛି । ସେପଟେ ଏନେଇ ପ୍ରଶାସନ ଓ ପରିବହନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ସମସ୍ତଙ୍କୁ ଚକିତ କରିଛି । ଏନେଇ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବ୍ରହ୍ମପୁର ଉପ ଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର ଅବଗତ ହେବାପରେ ସମସ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏନେଇ ଚିଠି ଲେକାଯିବା ସହ ମାର୍ଗଦର୍ଶିକାକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି । ଏଥିରେ ଖିଲାପ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି । ସେପଟେ ଛତ୍ରପୁର ଆଞ୍ଚଳିକ ପରିବହନ ଅଧିକାରୀ ମାନସ କୁମାର ସାହୁ କହିଛନ୍ତି ସମସ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯାଇଛି ଓ ନିୟମିତ ବ୍ୟବଧାନରେ ସ୍କୁଲବସ ଗୁଡିକୁ ଯାଞ୍ଚ କରି ଜରିମାନା ମଧ୍ୟ ଆଦାୟ କରାଯାଉଛି । ତେବେ ଏଭଳି କିଛି ଅଭିଯୋଗ ନଜରକୁ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ରାୟଗଡ଼ା ଆଇଟିଆଇ ସହ ବୁଝାମଣାପତ୍ର ସ୍ୱାକ୍ଷରିତ

# ଦକ୍ଷତା ବିକାଶ ଓ ସୁରକ୍ଷାକୁ ଟିପିଏସ୍ଓଡିଏଲ୍‌ର ଗୁରୁତ୍ୱ

ବ୍ରହ୍ମପୁର, ୫ ।୨(ସମିସ)

ଦକ୍ଷତା ବିକାଶ ଓ ସୁରକ୍ଷା କ୍ଷେତ୍ରକୁ ପ୍ରାଥମିକତା ଦେଇ ଟିପିଏସ୍ଓଡିଏଲ୍ (ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍) ପକ୍ଷରୁ ରାୟଗଡ଼ା ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ(ଆଇଟିଆଇ) ସହ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି । ଏହି କାର୍ଯ୍ୟକ୍ରମ କମ୍ପାନୀର କର୍ପୋରେଟ ଅଫିସରେ ଅନୁଷ୍ଠିତ ହୋଇଥିବା ବେଳେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଓ ଶିଳ୍ପ ତାଲିମ ଅନୁଷ୍ଠାନର ପ୍ରିନ୍ସିପାଲ ଅତୁଲ୍ୟ କୁମାର ପଣ୍ଡା ଉପସ୍ଥିତ ରହି ବୁଝାମଣା ପତ୍ରରେ ଦସ୍ତଖତ କରିଥିଲେ । ଏହି ସହଭାଗିତା



ଆଇଟିଆଇ ଛାତ୍ରଛାତ୍ରୀମାନଙ୍କୁ ବିସ୍ତୃତ ତାଲିମ ସୁଯୋଗ ଦେବ । ଟିପିଏସ୍ଓଡିଏଲରେ କାର୍ଯ୍ୟକ୍ଷମ ଥିବା ଶିଳ୍ପ ସାପେକ୍ଷ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ସମ୍ପର୍କରେ ଛାତ୍ରଛାତ୍ରୀମାନେ ତାଲିମ ନେବେ । ଏହି ସହଭାଗିତା ମାଧ୍ୟମରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଦକ୍ଷତା ବିକାଶ ଓ ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ ପୂର୍ବକ ସେମାନଙ୍କର ତାତ୍ତ୍ୱିକ ଜ୍ଞାନ ଓ ବ୍ୟାବହାରିକ ଜ୍ଞାନ ମଧ୍ୟରେ ଥିବା ପ୍ରଭେଦ ଦୂର କରାଯିବ । ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଜରିଆରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ବ୍ୟାବହାରିକ କର୍ମଶାଳା, ହ୍ୟାଣ୍ଡସ- ଅନ ଟ୍ରେନିଂ ସୁବିଧା ସମେତ ଶିଳ୍ପ ସାପେକ୍ଷ ବିଭିନ୍ନ ଜ୍ଞାନକୌଶଳ ସମ୍ପର୍କରେ ଅବଗତ କରାଯିବ । ଫଳରେ ପିଲାମାନେ ଦକ୍ଷ ତଥା ଗୁଣାତ୍ମକ କାର୍ଯ୍ୟକ୍ଷେତ୍ରର ମାହୋଲକୁ ଅନୁଭବ କରିପାରିବେ । ପୂର୍ବରୁ କମ୍ପାନୀ ବ୍ରହ୍ମପୁର ଓ ହିଞ୍ଜିଳିକାଟୁ ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିସାରିଥିବା ବେଳେ ଏହା ତୃତୀୟ ଚୁକ୍ତିନାମା ଅଟେ । ଟିପିଏସ୍ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି ଯେ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ସହଭାଗିତାରେ ଆମେ ଦକ୍ଷତା ବିକାଶ ଓ ସୁରକ୍ଷା ଅଭ୍ୟାସକୁ ପ୍ରୋତ୍ସାହିତ କରୁଛୁ ।

ଅନୁଷ୍ଠାନ ଓ କାର୍ଯ୍ୟକ୍ଷେତ୍ର ମଧ୍ୟରେ ଥିବା ପ୍ରଭେଦକୁ ଦୂର କରିବା ସହ ଭବିଷ୍ୟତର ମାନବ ସମ୍ବଳକୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଛୁ । କର୍ମକ୍ଷେତ୍ରରେ ଏକ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ନେଇ ଆମର ଏଭଳି ପଦକ୍ଷେପ ଜାରି ରହିବ ।

# ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

ବ୍ରହ୍ମପୁର, ୫ ।୨(ସମିସ)

ରାମାଧୀନ ସ୍ନାତକ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ସମ୍ମିଳନୀର ଉଦଯାପନୀ ଉତ୍ସବ ସମିତି ଅଧ୍ୟକ୍ଷ ଡ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଭାଗ ମୁଖ୍ୟ ରମେଶ ଚନ୍ଦ୍ର ତ୍ରିପାଠୀ, ପ୍ରାକ୍ତନ ଅଧ୍ୟକ୍ଷ ବାଲାଜି ପ୍ରସାଦ ଦାଶ, ମୁଖ୍ୟବକ୍ତା ଗୋପାଳ କୃଷ୍ଣ ପାଢ଼ୀ, ସମ୍ମାନିତ ଅତିଥି ପଦ୍ମଚରଣ ଦାଶ, ମଧ୍ୟମା ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପଟ୍ଟନାୟକ, ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।



ପ୍ରତ୍ୟେକ ବିଦ୍ୟାର୍ଥୀ ଶିକ୍ଷିତ ହେବା ସହ ବିବିଧ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିବା ଏହି କାର୍ଯ୍ୟକ୍ରମ ଓ ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ଏଠାରେ କୁହାଯାଇଛି । ଏ ଅବସରରେ ବିଷ୍ଣୁ ପ୍ରସାଦ ଦାଶ ଓ ଭାଷାବିତ ରମେଶ ତ୍ରିପାଠୀଙ୍କୁ ଉପଢୌକନ ସହ ଭାଷା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଡ଼. ଚନ୍ଦ୍ରଶେଖର ଦାଶ ଶର୍ମା, ଡ ବିଷ୍ଣୁ ପ୍ରସାଦ ଦାଶ, ଡ ସନ୍ତୋଷ ରଥ, ଅନସୂୟା ନାଥ ପ୍ରମୁଖ ବିଦ୍ୟାର୍ଥୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଅଧ୍ୟାପକ ସନ୍ତୋଷ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଷା, ସାହିତ୍ୟ, ସଂସ୍କୃତି ଓ ସୃଜନଶୀଳତା ଉତ୍ସବ



ବ୍ରହ୍ମପୁର, ୫ ।୨(ସମିସ): ସ୍ଥାନୀୟ ଭିଭିଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ସୋମବାର ଜିଲ୍ଲାସ୍ତରୀୟ ଭାଷା, ସାହିତ୍ୟ, ସଂସ୍କୃତି ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଅମିତା ପଟ୍ଟନାୟକ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ମେଡିକାଲ କ୍ୟାମ୍ପସ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ. ପ୍ରଭାତୀ ମହାପାତ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ନେଇ ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଜିଲ୍ଲାର ୨୨ଟି ବ୍ଲକର ୧୩୨ଜଣ ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଚତୁର୍ଥ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରଯାଇଥିଲା । ସମଗ୍ର ଶିକ୍ଷା ଓ ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ଡ ସରୋଜ ମୋହନ ପାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ଡ. ଶଙ୍କର ନାରାୟଣ ବେଜ, ପ୍ରଧାନଶିକ୍ଷକ ଶଶାଙ୍କ କୁମାର ପଣ୍ଡା, ସହକାରୀ ଶିକ୍ଷୟିତ୍ରୀ ପ୍ରିୟଙ୍କା ମହାପାତ୍ର, ଶୁଭଶ୍ରୀ ବେହେରାଙ୍କ ସମତେ ବହୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

# କଳାଦାଗ ସଚେତନା ଓ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର, ୫ ।୨(ସମିସ): ସ୍ଥାନୀୟ ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ତିଳକାଳକ(କଳାଦାଗ) ରୋଗ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଯୋଗଦେଇ ତିଳକାଳକ ରୋଗ ସମ୍ପର୍କରେ ସଚେତନ କରିଥିଲେ । ଅଧିକ ରାତ୍ର ଅନିଦ୍ରା, ଅଶ୍ଳୀଳ ଚିତ୍ର ଦେଖିବା, ପ୍ରଦର, ପ୍ରମେହ, କ୍ରୋଧ, ଚିନ୍ତା, ଅନ୍ତଃ ସ୍ରାବୀ ଅସନ୍ତୁଳନ ଦ୍ୱାରା ମୁଖରେ ତିଳ ପରି କଳାଜାଇ ବାହାରିଥିବା ଥିବା ବେଳେ ତାହା ମୁଖ ଅସୁନ୍ଦର ଦେଖାଯାଏ ବୋଲି ଡାକ୍ତର ସାହୁ କହିଥିଲେ । ମସୁରଯାଇ କ୍ଷୀର ସହ ବାଟି କିମ୍ବା ଶିମୁଳି କଣ୍ଟା କ୍ଷୀର ସହ ବାଟି ରାତ୍ର ଲଗାଇବା ସହ ସକାଳୁ ଗରମ ଜଳରେ ଧୋଇଲେ ଭଲ ହୋଇଯାଏ ବୋଲି କହିଥିଲେ । ଏ ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରି ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡି. ଶ୍ରୀନିବାସ ଶିବିରର ପରିଚାଳନାରେ ସହଯୋଗ କରିଥିଲେ ।



## ଏସ୍‌ବିଆର ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ସମସ୍ୟାର ସମାଧାନ କେବେ?

# ସଂଯୋଗ ହେଉନି ଥ୍ରୀ-ଫେଜ୍ ଲାଇନ୍, କାର୍ଯ୍ୟକ୍ଷମ ହୋଇପାରିନି ଲିଫ୍ଟ

ବ୍ରହ୍ମପୁର, ୫ ।୨(ସମିସ)

ବିଦ୍ୟାର୍ଥୀଙ୍କ ଶିକ୍ଷାର ବିକାଶ ନିମନ୍ତେ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ବିକାଶ ସାଙ୍ଗକୁ ଉତ୍ତମ ଶିକ୍ଷାଦାନ ନିମନ୍ତେ ବହୁ ଯୋଜନା ମଧ୍ୟ ରହିଛି । ସେହିକ୍ରମେ ଗତ ୨୦୨୧ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ଶଶି ଭୂଷଣ ରଥ ସରକାରୀ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୫ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇଥିଲା । ବିଦ୍ୟାର୍ଥୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ସୁବିଧା ନିମନ୍ତେ ଉକ୍ତ କୋଠାର ବିଭିନ୍ନ ମହଲାକୁ ଯିବା ଲାଗି ୨ଟି ଲିଫ୍ଟର ବ୍ୟବସ୍ଥା ମଧ୍ୟ କରାଯାଇଛି । କୋଠା ନିର୍ମାଣ ଶେଷ ହେବାର ଦିର୍ଘ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଦୁଇଟି ଲିଫ୍ଟ କାର୍ଯ୍ୟକ୍ଷମ ନହୋଇ ଅଚଳ ପଡ଼ିଛି । ପ୍ରତ୍ୟେକ ଦିନ ମହାବିଦ୍ୟାଳୟକୁ ଯୁକ୍ତ ୨, ଯୁକ୍ତ ୩ ଓ ସ୍ନାତକୋତ୍ତର ଶ୍ରେଣୀର ପ୍ରାୟ ୪ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀ ଅଧ୍ୟୟନ





**ପାଞ୍ଚ ମହଲା କୋଠାକୁ ଶିଡ଼ିରେ ଯାଉଛନ୍ତି**

କରିବାକୁ ଆସିଥାନ୍ତି । ୫ମହଲା ବିଶିଷ୍ଟ କୋଠାର ବିଭିନ୍ନ ମହଲାରେ ବିଦ୍ୟାର୍ଥୀଙ୍କ କ୍ଲାସ ରହିଛି । ହେଲେ ଲିଫ୍ଟ ଅଚଳ ଯୋଗୁଁ ଛାତ୍ରୀମାନଙ୍କୁ କୋଠାର ବିଭିନ୍ନ ମହଲାକୁ ବାରମ୍ବାର ସିଡି ଚଢି ଯିବାଆସିବା କରିବାକୁ ପଡ଼ିଛି । ଏଥି ସହ ମହାବିଦ୍ୟାଳୟରେ କିଛି ଦିବ୍ୟାଙ୍ଗ ଛାତ୍ରୀ ରହିଥିବା ବେଳେ ସେମାନଙ୍କ ପକ୍ଷରେ ବାରମ୍ବାର ସିଡି ଚଢିବା କଷ୍ଟସାଧ୍ୟ ହୋଇଥାଏ । ସେହିପରି ମହାବିଦ୍ୟାଳୟରେ ପ୍ରାୟ ଶତାଧିକ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ କର୍ମଚାରୀ ରହୁଥିବା ବେଳେ ସେମାନଙ୍କୁ ମଧ୍ୟ ଅନୁରୂପ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଅନ୍ୟପକ୍ଷରେ ବିଦ୍ୟାଳୟର ଲିଫ୍ଟ କାର୍ଯ୍ୟକାରୀ ନିମନ୍ତେ ଥ୍ରୀ-ଫେଜ ଲାଇନ୍ ଆବଶ୍ୟକ ରହିଥିବା ବେଳେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପୂର୍ବରୁ ସାଉଥକୋ ଓ ବର୍ତ୍ତମାନ ଟାଟାପାୱାର ସହ ଯୋଗାଯୋଗ କରିଛନ୍ତି । ସାଉଥକୋ କହିବା ମୁତାବକ ମହାବିଦ୍ୟାଳୟ କତୃପକ୍ଷ ଗତ ୨୦୨୧ ଅଗଷ୍ଟ ୪ତାରିଖରେ ୧୧ଲକ୍ଷ ୮୩ହଜାର ୮୮୫ଟଙ୍କା ପୈଠ ମଧ୍ୟ କରିଥିଲେ । ଏହା ପରେ ମଧ୍ୟ ସାଉଥକୋ ପକ୍ଷରୁ ମହାବିଦ୍ୟାଳୟକୁ ଥ୍ରୀ-ଫେଜ ଲାଇନ ସଂଯୋଗ ହୋଇପାରିଲା ନାହିଁ । ଏଥି ନିମନ୍ତେ ମହାବିଦ୍ୟାଳୟର ଅଧ୍ୟକ୍ଷ ବହୁବାର ସାଉଥକୋ ଅଧିକାରୀଙ୍କୁ ବିଦ୍ୟୁତ୍ ସଂଯୋଗ ନିମନ୍ତେ ବାରମ୍ବାର ଚିଠି କରିଥିଲେ ହେଁ ତାହା ସମ୍ଭବପର ହୋଇନାହିଁ । ଇତି ମଧ୍ୟରେ ସରକାରଙ୍କ ନିଷ୍ପତି କ୍ରମରେ ସାଉଥକୋର ସ୍ଥାନରେ ଟାଟାପାୱାରକୁ ଦାୟିତ୍ୱ ମିଳିଛି । ଏହା ପରେ ମଧ୍ୟ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସମସ୍ୟା ସମ୍ପର୍କରେ ଟାଟାପାୱାର ଅଧିକାରୀଙ୍କୁ ଅବଗତ କରିଛନ୍ତି । ତଥାପି ମହାବିଦ୍ୟାଳୟକୁ ଥ୍ରୀ-ଫେଜ ଲାଇନ୍ ସଂଯୋଗ ହୋଇନାହିଁ । ଏସମ୍ପର୍କରେ ଟାଟାପାୱାର ପକ୍ଷରୁ ଗତବର୍ଷ ସେପଟେମ୍ବର ୮ତାରିଖରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏକ ଚିଠି କରିଥିଲେ । ପୂର୍ବରୁ ମହାବିଦ୍ୟାଳୟ ପକ୍ଷରୁ ପୈଠ ହୋଇଥିବା ୧୧ଲକ୍ଷ ୮୩ହଜାର ୮୮୫ଟଙ୍କାର ପୁଣି ଅଧିକ ୩୭ ପ୍ରତିଶତ ଟଙ୍କା ପୈଠ କଲେ ଥ୍ରୀ-ଫେଜ ଲାଇନ୍ ସଂଯୋଗ କରାଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଥିଲା । ଏନେଇ ଗତବର୍ଷ ସେପ୍ଟେମ୍ବର ୨୫ତାରିଖରେ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡ଼. କାହ୍ନୁ ଚରଣ ପାଢ଼ୀ ଜିଲ୍ଲାପାଳ ଅଭିଯୋଗ ଶୁଣାଣି ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ଏହାପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମହାବିଦ୍ୟାଳୟର କୋଠାରେ ଲାଗିଥିବା ଲିଫ୍ଟ ବିଦ୍ୟାର୍ଥୀ ଓ କର୍ମଚାରୀଙ୍କ ବ୍ୟବହାରରେ ଲାଗି ପାରିଲାନାହିଁ । ଲିଫ୍ଟ ଚଳାଇବାକୁ ଥ୍ରୀ-ଫେଜ ଲାଇନର ଆବଶ୍ୟକତା ଥିବାବେଳେ ପୂର୍ବରୁ ଏଥିପାଇଁ ସାଉଥକୋ'କୁ ଟଙ୍କା ପୈଠ କରାଯାଇଥିଲା । ବର୍ତ୍ତମାନ ବିଦ୍ୟୁତ୍ ସଂଯୋଗ ନିମନ୍ତେ ଟାଟା ପାୱାର ପକ୍ଷରୁ ପୁଣି ଅଧିକ ଟଙ୍କା ପୈଠ କରିବାକୁ କୁହାଯାଉଛି । ଏସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯାଇଛି । ବିଭାଗ ପକ୍ଷରୁ ଅବଶିଷ୍ଟ ଟଙ୍କା ଆସିଲେ ଟାଟା ପାୱାରକୁ ପୈଠ କରାଯିବ ଏବଂ ଲିଫ୍ଟ କାର୍ଯ୍ୟକ୍ଷମ ହେବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ଚିତ୍ତରଞ୍ଜନ ଶତପଥୀ କହିଛନ୍ତି ।

# ଏମ୍‌କେସିଜିର ସମସ୍ୟା ନେଇ ବିନୋଦଙ୍କ ପଦଯାତ୍ରା

ବ୍ରହ୍ମପୁର, ୫ ।୨(ସମିସ): ଏମକେସିଜି ମେଡ଼ିକାଲର ବିଭିନ୍ନ ସମସ୍ୟା ନେଇ ସୋମବାର ସ୍ଥାନୀୟ ଗାନ୍ଧୀଛକରଠାରୁ ସମାଜସେବୀ ବିନୋଦ ସାବତ ପଦଯାତ୍ରା ଆରମ୍ଭ କରିଛନ୍ତି । ତାଙ୍କ ସାଙ୍ଗରେ ସହଯୋଗୀ ଦିନେଶ ରାଜ ମଧ୍ୟ ଏଥିରେ ସାମିଲ ରହିଛନ୍ତି । ଏମାନେ ବ୍ରହ୍ମପୁରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଯାତ୍ରା କରିବେ । ଏମକେସିଜି ମେଡ଼ିକାଲର ବିଭିନ୍ନ ବିଭାଗରେ ବରିଷ୍ଠ ଡାକ୍ତର ଓ ପାରାମେଡ଼ିକାଲ କର୍ମଚାରୀ ନିଯୁକ୍ତି, ବର୍ଣ୍ଣ କେୟାର ୟୁନିଟ କାର୍ଯ୍ୟକ୍ଷମ, ୨୪ଘଣ୍ଟିଆ ସମସ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା, ଛୁଟି ଦିନରେ ସମସ୍ତ ପରୀକ୍ଷା ଚାଲୁ ରଖିବା ଭଳି ବିଭିନ୍ନ ଦାବି କରିଛନ୍ତି ।

## ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

# ଭାଗନେବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ

ବ୍ରହ୍ମପୁର, ୫ ।୨(ସମିସ): କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବେ । ଏଥିରେ ଭାଗନେବା ନିମନ୍ତେ ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ୧୧୫ଜଣ ପ୍ରତିଯୋଗୀ ସୋମବାର କଟକ ଗସ୍ତ କରିଛନ୍ତି । ସେଥିମଧ୍ୟରୁ ୨୮ଜଣ ଛାତ୍ରୀ ରହିଥିବା ବେଳେ ୮୭ଜଣ ଛାତ୍ର ରହିଛନ୍ତି । ଏହି ପ୍ରତିଯୋଗିତା ଚଳିତମାସ ୬ତାରିଖଠାରୁ ୧୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ କବାଡି, ଖୋ' ଖୋ, ଭଲିବଲ୍, କ୍ରିକେଟ ଓ ବାସ୍କେଟ ବଲ ପରି ୧୦ଟି ଖେଳ ଅନୁଷ୍ଠିତ ହେବ । ଖେଳାଳିଙ୍କ ସହ ଅଫିସିଆଲ୍ ମ୍ୟାନେଜର ଭାବେ ଏକକ ବିଶ୍ୱବିଦ୍ୟାଳୟର ପିଙ୍କୁ ସାହୁ, ସନ୍ତୋଷ କୁମାର ବେହେରା, ଅଶୋକ କୁମାର ମୁଦୁଲି, ଦୀପିକା ସେଠୀଙ୍କ ସମେତ କୋଚ ଭାବେ ଜି. ଅନିଲ ପାତ୍ର ଗସ୍ତ କରିଛନ୍ତି ।

## ଏମ୍‌କେସିଜି ଡିସିଏଚ୍-୧ରୁ ବିଚାରାଧୀନ କଏଦୀ ଚମ୍ପଟ ଘଟଣା

# ଅଢ଼େଇ ବର୍ଷ ପରେ ମଧ୍ୟ ମିଳୁନି ସୁରାକ

ବ୍ରହ୍ମପୁର, ୫ ।୨(ସମିସ)

ଏମ୍‌କେସିଜି ମେଡିକାଲ ପରିସରରେ ଥିବା ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲ୍(ଡିସିଏଚ୍-୧)ରୁ ବିଚାରାଧୀନ କଏଦୀ ମିର୍ ତୋହସିନ୍ ଫେରାର ହେବାର ଅଢେଇ ବର୍ଷ ହୋଇଯାଇଛି। ତଥାପି ପୁଲିସ ନିକଟରେ ଫେରାର କଏଦୀଙ୍କ କୌଣସି ଖବର ନାହିଁ। ଦୀର୍ଘ ବର୍ଷ ହେଲା ବୈଦ୍ୟନାଥପୁର ଥାନା ପୁଲିସ ପକ୍ଷରୁ ଫେରାର କଏଦୀ ମିରଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ ହେଁ କୌଣସି ସଫଳତା ମିଳିନଥିଲା। ଶେଷରେ ବାଧ ହୋଇ ପୁଲିସ ମାମଲାକୁ ବନ୍ଦ କରିଥିବା ସହ ଫେରାର ଅଭିଯୁକ୍ତ କଏଦୀ ମିର ତୋହସିନ୍‌ଙ୍କ ନାମରେ ଜାମିନ ବିହୀନ ପରୱାନା ଜାରି କରିବାକୁ କୋର୍ଟରେ ଆବେଦନ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ମିର ତହୋସିନଙ୍କୁ ବାଲିଗୁଡ଼ା ପୁଲିସ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଗିରଫ କରିଥିଲା। ଗିରଫ ପରଠାରୁ ସେ ବାଲିଗୁଡ଼ା ସବ୍‌ଜେଲ୍‌ରେ ବିଚାରାଧୀନ ବନ୍ଦୀ(ୟୁଟିପି)ଭାବେ ଥିଲେ। ଗତ ୨୦୨୧ ଜୁଲାଇ ୨୮ ତାରିଖରେ ତାଙ୍କୁ ଜ୍ୱର ହେବା ସହ ତାଙ୍କର କୋଭିଡ୍ ଲକ୍ଷଣ ଜଣାପଡ଼ିଥିଲା। ଏହା ପରେ ସେ ଜୁଲାଇ ମାସ ୩୦ତାରିଖରେ ଆରଟିପିସିଆର ନମୁନା ପରୀକ୍ଷା ପରେ ତାଙ୍କ ରିପୋର୍ଟ କୋଭିଡ୍ ପଜିଟିଭ୍ ବୋଲି ଜଣାପଡ଼ିଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଜୁଲାଇ ୩୧ ତାରିଖରେ ସନ୍ଧ୍ୟାରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ପରିସରରେ ଥିବା ଡିସିଏଚ୍-୧କୁ ସ୍ଥାନାନ୍ତର କରାଯାଇଥିଲା। ଏମ୍‌କେସିଜି ଡିସିଏଚ୍-୧ର ଚତୁର୍ଥ ମହଲାର ଏସ୍-୩୩ ବେଡ଼ରେ ତାଙ୍କରଚିକିତ୍ସା ଜାରି ରହିଥିଲା । ତାଙ୍କୁ ଜଗିବା ପାଇଁ ବାଲିଗୁଡ଼ା ଜେଲ୍‌ର ୱାଡର୍‌ର ଏବଂ ଏସକୋର୍ଟରେ ଆସିଥିବା ୩ଜଣ ପୁଲିସ କର୍ମଚାରୀ ମୁତୟନ ରହିଥିଲେ। କୋଭିଡ୍ ହସ୍‌ପିଟାଲ ଭିତରକୁ ରୋଗୀ ବ୍ୟତୀତ ଅନ୍ୟମାନଙ୍କୁ ଛଡ଼ା ଯାଉ ନଥିବାରୁ ପୁଲିସ କର୍ମଚାରୀମାନେ ବାହାରେ ଜଗି ରହିଥିଲେ। ଏହାର ସୁଯୋଗ ନେଇ ବିଚାରାଧୀନ କଏଦୀ ମିର୍ ୨୦୨୧ ଅଗଷ୍ଟ ୭ ତାରିଖରେ ଭୋରୁ ୫ଟା ସମୟରେ ମେଡ଼ିକାଲରୁ ଚମ୍ପଟ ମାରିଥିଲା। ଏହି ଘଟଣା ପରେ ବାଲିଗୁଡ଼ା ଜେଲ୍‌ର ୱାଡର୍‌ର ଗୌତମ କହଁର ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ପରେ ପୁଲିସ ଏକ ମମାଲା ରୁଜୁ କରି ଡିସିଏଚ୍-୧ରେ ଲାଗିଥିବା ସିସି କ୍ୟାମେରାର ଫୁଟେଜ୍‌କୁ ଯାଞ୍ଚ କରି ତଦନ୍ତ କରିଥିଲା। କଏଦୀ ମିର ଫେରାର ହେବାର ଅଢେଇ ବର୍ଷ ହୋଇଯାଇଛି। କିନ୍ତୁ ମିର ତହୋସିନଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି।

**କେସ୍ କ୍ଲୋଜ୍ କଲା ପୁଲିସ**

## ମଦ ଜବତ; ଜଣେ ଗିରଫ

**ବୁଗୁଡ଼ା, ୫ ।୨(ସମିସ):** ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମରେ ବାଇକ୍ ଯୋଗେ ଦେଶୀ ମଦ ଚୋରା ଚାଲାଣ କରୁଥିବାବେଳେ ପୁଲିସ ବାଇକ୍ ସହ ୨୬ ଲିଟର ମଦ ଜବତ କରିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁଶାନ୍ତ କୁମାର ଜେନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ଗୋଲିଆ ଗ୍ରାମ ବଡ଼ସାହିର ସୁଶାନ୍ତ ବାଇକ୍ ଯୋଗେ ଚୋରା ମଦ ନେଇ ଯାଉଥିବାବେଳେ ବ୍ରିଜ୍ ନିକଟରେ ପୋଲିସ ହାବୁଡ଼ରେ ପଡିଥିଲା।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ଭଞ୍ଜନଗର, ୫ ।୨(ସମିସ):** ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ସୋମନାଥ ନାୟକ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ବାଳକୃଷ୍ଣ ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ଶିବରାମ ପଣ୍ଡା, ସମ୍ପାଦକ ରବିନାରାୟଣ ସାମନ୍ତ ସଭାପତିଙ୍କ ସହ ଅନ୍ୟମାନେ ମଞ୍ଚାସୀନ ଥିଲେ। ପଣ୍ଡିତ ବିପ୍ର ଚରଣ ସାହୁ ବେଦ ମନ୍ତ୍ର ପାଠ କରିଥିଲେ। ସଭା ଆରମ୍ଭରେ ଭାରତୀ ଭଣ୍ଡାର ପୁସ୍ତକାଳୟର ପ୍ରତିଷ୍ଠାତା ଉଦୟନାଥ ମହାପାତ୍ର ଓ




ବରିଷ୍ଠ ଆଇନଜୀବୀ ଦେବରାଜ ବିଶ୍ୱାଳଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ପାଦକ ଶ୍ରୀ ସାମନ୍ତ ଗତ ବୈଠକର ବିବରଣୀ ପାଠ କରିବା ସହ ଗତ ବାର୍ଷିକ ସଭାର ଆୟ ବ୍ୟୟର ସୂଚନା ଦେଇଥିଲେ। ସଭାପତି ମଧ୍ୟ ସମ୍ପାଦକ ରବିନାରାୟଣ ସାମନ୍ତ, ସମୀକ୍ଷକ ସୁରେନ୍ଦ୍ରନାଥ ବେହେରା କାର୍ଯ୍ୟକାରୀ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ଲେଙ୍କାଙ୍କୁ ବାର୍ଷିକ ସଭା ପ୍ରସ୍ତୁତିରେ ସହଯୋଗ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ସହ ସମ୍ପାଦକ ହରିକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଡ଼ିଖୁଡ଼ି ଗ୍ରାମରେ ଆନ୍ଧ୍ରର ଅନୁପ୍ରବେଶ



**ପାରଳାଖେମୁଣ୍ଡି/ଗୋଷାଣି, ୫ ।୨(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତରେ ପୁଣି ଆନ୍ଧ୍ର ନିଜ ଦାଦାଗିରି ଦେଖାଇଛି। ଗଙ୍ଗାବାଡ଼ ପଞ୍ଚାୟତର ଗୁଡ଼ିଖୁଡ଼ି ଗ୍ରାମରେ ବିଦ୍ୟୁତ୍, ପ୍ରଧାନମନ୍ତ୍ରୀ ଆବାସ ସହ ଭୋଟର କାର୍ଡ, ରାସନ କାର୍ଡ ଓ ଆଧାର କାର୍ଡ ପ୍ରଦାନ କରିଛି ଆନ୍ଧ୍ର। ଏହି ଗ୍ରାମକୁ ନେଇ ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ ବିବାଦ ବହୁ ଦିନ ଧରି ଲାଗି ରହିଥିବା ବେଳେ କଟାଘାରେ ଚୂନ ଦେଲା ଭଳି କାମ କରିଛି ଆନ୍ଧ୍ର। ଗ୍ରାମରେ ଥିବା ଓଡ଼ିଶା ସରକାରଙ୍କ ବିଜ୍ଞାପନ ଫଳକକୁ ମଧ୍ୟ ଭାଙ୍ଗିଦେଇଛି ଆନ୍ଧ୍ର। ବାରମ୍ବାର ଆନ୍ଧ୍ର ପ୍ରଶାସନିକ ଅଧିକାରୀ, ନିର୍ବାଚିତ ପ୍ରତିନିଧି ଗୁଡିଖୁଡି ଗ୍ରାମକୁ ଗସ୍ତ କରି ଓଡ଼ିଶାର ତାଗିଦ ସତ୍ତ୍ୱେ ନିଜ ଯୋଜନା କାର୍ଯ୍ୟକାରୀ କରୁଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବିରେନ୍ଦ୍ର କୁମାର ଦାସଙ୍କୁ ପଚାରିବାରେ ସ୍ଥିତି ଉପରେ ପ୍ରଶାସନ ନଜର ରଖିଛି। ଯଦି ଆନ୍ଧ୍ର ପ୍ରଲୋଭନ ଦେଖାଇ ଅନୁପ୍ରବେଶ କରିଛି ତାହା ହେଲେ ଶ୍ରୀକାକୁଲମ୍ ଜିଲ୍ଲା ପ୍ରଶାସନ ସହ ଶାନ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ସମସ୍ୟାର ସମାଧାନ କରାଯିବ।

**● ଆବାସ ଯୋଜନାରେ ହେର୍‌ଫେର୍**

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ହିତାଧିକାରୀ

**ଛତ୍ରପୁର, ୫ ।୨(ସମିସ):** ଆବାସ ଯୋଜନାରେ ଘର ନିର୍ମାଣ କରିବା ସକାଶେ କାର୍ଯ୍ୟାଦେଶ ପାଇଁ ଘର କରିଥିବା ସତ୍ତ୍ୱେ ହିତାଧିକାରୀଙ୍କୁ ମିଳୁନାହିଁ ଟଙ୍କା। ବହୁବାର ବ୍ଲକ ପ୍ରଶାସନକୁ କହିବା ସତ୍ତ୍ୱେ କେହିନଶୁଣିବାରୁ ଶେଷରେ ସୋମବାର ଛତ୍ରପୁର ଜଉଗଡ଼ରେ ଚାଲିଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ



ଜିଲ୍ଲାପାଳଙ୍କ ନିକଟରେ ଦୁଇ ହିତାଧିକାରୀ ଅଭିଯୋଗ କରିଛନ୍ତି। ଗଞ୍ଜାମ ବ୍ଲକ ହୁମା ଦେବରାଜ ମାଳି ୧୯ ଜୁନ ୨୦୨୩ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିମନ୍ତେ କାର୍ଯ୍ୟାଦେଶ ପାଇଥିଲେ। ଟଙ୍କା ଧାର କରି ଘର ତିଆରି କରିବା ସତ୍ତ୍ୱେ ତାଙ୍କୁ ଏଯାବତ ଟଙ୍କା ମିଳିନାହିଁ, ପ୍ରଥମ କିସ୍ତି ପାଇବାକୁ ଥିବା ୪୦ ହଜାର ଟଙ୍କା ବ୍ଲକ ପ୍ରଶାସନ ଅଟକାଇ ଦେଇଥିବା କହିଥିଲେ। ସେହିପରି ହୁମା ଅଞ୍ଚଳର ଲିଲି ସାହୁଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିମନ୍ତେ କାର୍ଯ୍ୟାଦେଶ ମିଳିବାରୁ ସେ ଘର ନିର୍ମାଣ କରିଥିଲେ। ବ୍ଲକ ପ୍ରଶାସନ ଘରକୁ ଯାଇ ଫଟୋ ଉଠାଇବା ସହ ଘର ସମ୍ମୁଖରେ ଫଳକ ମଧ୍ୟ ଲଗାଯାଇଛି। କିନ୍ତୁ ତାଙ୍କୁ ମଧ୍ୟ ଟଙ୍କା ମିଳିନାହିଁ। ସେମାନଙ୍କ ଟଙ୍କା ଅନ୍ୟ ଜଣକୁ ଯାଉଥିବା କହିଥିଲେ। ଏନେଇ ବ୍ଲକ ପ୍ରଶାସନକୁ ପଚାରିବାରେ ଦୁଇଟି ଲିଲି ସାହୁ ନାମ ଥିବାରୁ ଏପରି ଭୁଲ ହୋଇଛି, ଉକ୍ତ ବ୍ୟକ୍ତିଙ୍କୁ ଟଙ୍କା ମଗାଯାଇଛି। ସେହିପରି ଦେବରାଜ ମାଳିଙ୍କ ଆଧାର ଭୁଲ ହୋଇଯାଇଥିଲା। ତେଣୁ ଏହାର ସମାଧାନ କରାଯାଇ ତୁରନ୍ତ ସେମାନଙ୍କୁ ଟଙ୍କା ଯିବ ବୋଲି କହିଥିଲେ।

## ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ଆସିକା, ୫ ।୨(ସମିସ):** ଆସିକା ବ୍ଲକ ଅନ୍ତର୍ଗତ ରାଇପଲ୍ଲୀ ଗ୍ରାମରେ ଗୋପୀନାଥ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ହୋଇଯାଇଛି। ଆସନ୍ତା ୨୫ରୁ ୨୯ ଫେବୃଆରୀ ପର୍ଯ୍ୟନ୍ତ ଯଜ୍ଞ ମାଧ୍ୟମରେ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ରାଇପଲ୍ଲୀ ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାମାନେ ସମାଜସେବୀ, ବଦାନ୍ୟ ବ୍ୟକ୍ତି ବିଶେଷ ଓ ସରକାରଙ୍କ ଆର୍ଥିକ ସହାୟତା ବଳରେ ଏତେ ବଡ଼ ଭବ୍ୟ ମନ୍ଦିର ହୋଇପାରିଛି ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି। ବଡ଼ ବଡ଼ ପଥର ଖୋଲି ଏହାର ଫାଉଣ୍ଡେସନ ପକାଯାଇଛି। ଯାହା ଫଳରେ ପାହାଡ଼ ଉପରେ ସୃଷ୍ଟି କରୁଛି ଦର୍ଶନୀୟ ସ୍ଥାନର ସ୍ୱରୂପ। ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ଦ୍ୱାରା ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ସୁରୁଖୁରୁରେ ସମାପନ ହୋଇପାରିବ ବୋଲି ଆଶା ବାନ୍ଧିଛନ୍ତି ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି।

## ଓଡ଼ିଶା ଉପକନିଷ୍ଠ ହ୍ୟାଣ୍ଡବଲ୍ ଦଳରେ ଗଞ୍ଜାମର ୪ ଖେଳାଳି

**ବ୍ରହ୍ମପୁର, ୫ ।୨(ସମିସ):** ଚଳିତମାସ ୭ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଚିତୋରଠାରେ ହେବାକୁ ଥିବା ଜାତୀୟ ଉପକନିଷ୍ଠ ବାଳକ ଓ ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗନେବା ପାଇଁ ଓଡିଶା ଦଳ ଗସ୍ତ କରିଛି। ଏହି ଦଳରେ ଗଞ୍ଜାମ ଜିଲ୍ଲାର ଚାରି ଖେଳାଳି ସାମିଲ ରହିଛନ୍ତି। ସେମାନେ ହେଲେ ଉଜ୍ଜ୍ୱଳ ସ୍ୱାଇଁ, ରୁଦ୍ର ମାଧବ ସାହୁ, ସୁଶ୍ରୀ ସ୍ୱସ୍ତିକା ପାତ୍ର, ଶ୍ରୀୟାରାଣୀ ନାୟକ। ଚୟନ ଖେଳାଳିଙ୍କୁ ଜିଲ୍ଲା ହ୍ୟାଣ୍ଡବଲ୍ ସଂଗଠନର ସଭାପତି ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଜିଲ୍ଲା ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ି, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳା, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧ୍ୟକ୍ଷ ଡାକ୍ତର ସିଏଚ୍. ମନୋଜ କୁମାର ପାତ୍ର ପ୍ରମୁଖ ଶୁଭେଚ୍ଛା ସହ ଶୁଭକାମନା ଜଣାଇଛନ୍ତି।



ସୂଚନାଯୋଗ୍ୟ ଯେ, ଗତ ମାସ ୨୮ ତାରିଖରେ ଯାଜପୁର ଜିଲ୍ଲାର ଛାତିଆରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୦୦ଜଣ ପ୍ରତିଯୋଗିତା ମଧ୍ୟରୁ ଓଡ଼ିଶା ଦଳରେ ଭାଗ ନେବା ପାଇଁ ଚୟନ ହୋଇଥିଲା। ଏଥିରେ ବାଳକ ବିଭାଗ ନିମନ୍ତେ ୧୬ଜଣ ଓ ବାଳିକା ଦଳରେ ୧୬ଜଣ ଖେଳାଳିଙ୍କୁ ଚୟନ କରାଯାଇଥିଲା। ସେଥିମଧ୍ୟରୁ ଗଞ୍ଜାମର ଏହି ୪ଜଣ ପ୍ରତିଯୋଗୀ ଚୟନ ହୋଇଥିଲେ। ପ୍ରତିଯୋଗୀମାନେ ଦୀର୍ଘ ଦିନ ଧରି ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଖେଳ ପଡ଼ିଆ ଠାରେ ଏନ୍.ଆଇ.ଏସ୍ କୋଚ୍ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ତାଲିମ୍ ନେଉଛନ୍ତି।

### ଜମିଜମା ବିବାଦରୁ ସାନଭାଇଙ୍କୁ ହତ୍ୟା ଘଟଣା

## ବନ୍ଧାହେଲେ ବଡ଼ଭାଇ ଓ ପୁତୁରା

**ରଙ୍ଗେଇଲୁଣ୍ଡା, ୫ ।୨(ସମିସ):** ରବିବାର ଗୋଳନ୍ଥରା ଥାନା ଅନ୍ତର୍ଗତ ସୋରଳ ପଞ୍ଚାୟତ କୋଇଠା ଗାଁ ଓଡିଆରପି କଲୋନୀରେ ଜମିଜିମା ଓ କିଆ ଫୁଲ ବାଡ଼କୁ କେନ୍ଦ୍ରକରି ଭୀମ ବେହେରାଙ୍କୁ କୁରାଢ଼ିରେ ହାଣି ହତ୍ୟା କରାଯାଇଥିବା ଘଟଣାରେ ସୋମବାର ପୁଲିସ ବଡ଼ଭାଇ ସୁରେନ୍ଦ୍ର ବେହେରା ଓ ପୁତୁରା ମୋହନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଭୀମଙ୍କ ପତ୍ନୀ ରାଧା ବେହେରାଙ୍କ ଲିଖିତ ଅଭିଯୋଗ ଅନୁଯାଇ, ଭୀମ ଓ ସୁରେନ୍ଦ୍ରଙ୍କ ମଧ୍ୟରେ କିଆ ଫୁଲ ବାଡ଼କୁ କେନ୍ଦ୍ରକରି କିଛି ବର୍ଷ ହେଲା ବାଦ ବିବାଦ ଲାଗି ରହିଥିଲା। ସୁରେନ୍ଦ୍ର ତାଙ୍କ ପୁଅ ମୋହନ ଭୀମକୁ କିଆ ବାଡ଼ରୁ ଫୁଲ ନ ତୋଳିବା ପାଇଁ ଧମକ ଦେଇ ଆସୁଥିଲେ। ଭୀମ ଧମକକୁ ଭୃକ୍ଷେପ ନ କରି ଫୁଲ ତୋଳି ଆସୁଥିଲେ। ରବିବାର ଅପରାହ୍ନ ୨ଟା ବେଳେ ମୃତ ଭୀମ ନିଜ ଘର ନିକଟରେ ଠିଆ ହୋଇଥିବା ସମୟରେ ସୁରେନ୍ଦ୍ର ଓ ତାଙ୍କ ପୁଅ ମୋହନ ସାଙ୍ଗରେ କୁରାଢ଼ୀ ଓ କାତି ଧରି ଆସି ହଠାତ ଭୀମର ମୁଣ୍ଡକୁ ହାଣି ପକେଇ ଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଭୀମଙ୍କ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ରାଧା ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କରୁଥିବାବେଳେ ତାଙ୍କ ମଧ୍ୟ ମରଣାନ୍ତକ ଆକ୍ରମଣ କରିଥିବା ରାଧା ଏତଲାରେ ଦର୍ଶାଇଛନ୍ତି। ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର ଓ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ମୃତଦେହ ଜବତ କରିବା ସହ ହତ୍ୟାରେ ବ୍ୟବହୃତ ରକ୍ତଭିଜା କୁରାଢ଼ୀ ଓ କାତି ଜବତ କରିଥିଲେ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



**ଛତ୍ରପୁର, ୫ ।୨(ସମିସ):** ସ୍ଥାନୀୟ ଜଉଗଡ଼ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଉପସ୍ଥିତ ରହି ଜନଶୁଣାଣି କରିଥିଲେ। କେତେକ ଅଭିଯୋଗଗୁଡ଼ିକର ଆସୁ ସମାଧାନ ହୋଇଥିବା ବେଳେ ଆଉ କେତକ ଅଭିଯୋଗଗୁଡିକର ସମାଧାନ ନିମନ୍ତେ ବିଭଗୀୟ ଅଧିକାରୀ ନିକଟକୁ ପଠାଯାଇଥିଲା। ଜନଶୁଣାଣିରେ ଛତ୍ରପୁର ଉପଖଣ୍ଡ ସମେତ ଜିଲ୍ଲାର ସମୁଦାୟ ୨୭୪ଟି ଆବେଦନର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୨୫୨ଟି ଅଭିଯୋଗ ବ୍ୟକ୍ତିଗତ ରହିଥିବା ବେଳେ ୨୨ଟି ସାମୂହିକ ଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୨ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକଲ, ଜଣଙ୍କୁ ହ୍ୱିଲଚେୟାର ଏବଂ ଦୁଇଜଣ ଦୃଷ୍ଟିହୀନ ଯୁବକଙ୍କୁ ଲାପ୍‌ଟପ ବଣ୍ଟନ କରାଯାଇଥିଲା। ସେହିପରି ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୧୫ ହଜାର ଟଙ୍କା ଏବଂ ଆଉ ଜଣକୁ ୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲ୍ଲା ପରିଷଦର ସିଡିଓ ମଧୁମିତା, ଅତିରିକ୍ତ ଜିଲ୍ଲାପାଳ ଲିନା କୁମାରୀ ଖେସ, ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଭାଷା ସାହିତ୍ୟ ଆସର



**ସୋରଡ଼ା, ୫ ।୨(ସମିସ):** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବ ଅବସରରେ ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ଏକ ଆଲୋଚନାଚକ୍ର ଅଞ୍ଚଳର ଲେଖକ କବି ଓ ସାହିତ୍ୟିକଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଏନଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ପ୍ରାକ୍ତନ ଏନଏସି ଅଧ୍ୟକ୍ଷା ସଂଘମିତ୍ରା ସ୍ୱାଇଁ, ବିଶିଷ୍ଟ ଲେଖକ ତଥା ସ୍ଥାନୀୟ କୋଷାଧିକାରୀ ବସନ୍ତ କୁମାର ବେହେରା ଓ କେତେଜଣ କାଉନସିଲର ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ସମୂହ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଗୀତ ରଚନାକାର ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀଙ୍କ ଗୀତ ସମସ୍ତଙ୍କୁ ମୁଗ୍ଧ କରିଥିଲା। ଲେଖିକା ଶକ୍ତିଦା ବିଷୋୟୀ, ସରୋଜ ଷଡ଼ଙ୍ଗୀ, କାଳୁଚରଣ ପାଢ଼ୀ, ରାଜେନ୍ଦ୍ର କୁମାର ପାଣିଗ୍ରାହୀ, ନେପାଳ ଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ମୁକ୍ତା ସଂଯୋଜକ ଜତୀନ୍ଦ୍ର କୁମାର ତ୍ରିପାଠୀ ସଂଯୋଜନା କରିଥିବାବେଳେ ପ୍ରମୋଦ କୁମାର ଅଧିକାରୀ, ମୁକେଶ ବେହେରା ସହଯୋଗ କରିଥିଲେ।

## ରୁଦ୍ରକାଳୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



**ଭଞ୍ଜନଗର, ୫ ।୨(ସମିସ):** ଜଗନ୍ନାଥ ପ୍ରସାଦ ବ୍ଲକ ପଟାଙ୍ଗୀର ମା' ରୁଦ୍ରକାଳୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି ଅବସରରେ ଚବିଶି ପ୍ରହର ଅଖଣ୍ଡ ନାମଯଜ୍ଞ ସହ ଅନ୍ନଯଜ୍ଞ ଓ ଘୃତ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞକର୍ତ୍ତା ଭାବେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ସମାଜସେବୀ କବି ପାତ୍ର ବିଗ୍ରହ ପ୍ରତିଷ୍ଠାର ସମସ୍ତ ଦାୟିତ୍ୱ ସମ୍ପାଦନ କରିଥିଲେ। ଏଥିରେ ଗୁଡ଼ିବିଢ଼ା, ଚାଞ୍ଚରାପଲ୍ଲୀ, ଖଙ୍ଗାରପଲ୍ଲୀ, ତୋଲଡ଼ି, ବରପଲ୍ଲୀ କଯାଁ ସାହି ଭଳି ୬ଟି ନାମ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ଧକ୍କାରେ ମହିଳା ମୃତ

**ପୁରୁଷୋତ୍ତମପୁର, ୫ ।୨(ସମିସ):** ପୁରୁଷୋତ୍ତମପୁର ଥାନା ଅର୍ନ୍ତଗତ ତାରାତାରିଣୀ ଛକ ପେଟ୍ରୋଲ ପମ୍ପ ନିକଟରେ ସୋମବାର ସନ୍ଧ୍ୟାରେ ଟ୍ରାକ୍ଟର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଣା ବ୍ରହ୍ମପୁରର କସ୍ତୁରୀ ଦାସ। ସେ ଓ ପୁଅ ସଞ୍ଜୟ ଦାସ ନିଜ ଝିଅ ଘର ଗୋଠିଆଳି ଗ୍ରାମକୁ ଆସି ସ୍କୁଟିନଂ(ଓଡି ୦୭ଡବ୍ଲୁ ୬୯୨୬) ଯୋଗେ ଫେରୁଥିବା ସମୟରେ ପେଟ୍ରୋଲ ପମ୍ପ ନିକଟରେ ପଛପଟୁ ଏକ ଟ୍ରାକ୍ଟରନଂ(ଓଡି୦୭ ଏଏନ ୮୦୩୬) ଧକ୍କା ଦେଇଥିଲା । ଧକ୍କା ଏତେ ଜୋରରେ ହୋଇଥିଲା ଯେ ସ୍କୁଟି ଦୂରକୁ ଛିଟିକି ପଡ଼ିଥିଲା। ସ୍କୁଟିରେ ବସିଥିବା କସ୍ତୁରୀ ଦାସ(୪୫) ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହ ଶବକୁ ଜବତ କରିଥିବା ଥାନା ଅଧିକାରୀ ବିପିନ ବିହାରୀ ହୋତା କହିଛନ୍ତି। ଘଟଣାସ୍ଥଳରୁ ଟ୍ରାକ୍ଟର ଡ୍ରାଇଭର ଫେରାର ଅଛି।

## ଛେଲିଗଡ଼ ପ୍ରକଳ୍ପ ସ୍ଥିତି ଅନୁଧ୍ୟାନ କଲେ ଚାଷୀ ଟିମ୍

**ଦିଗପହଣ୍ଡି, ୫ ।୨(ସମିସ):** ସୋମବାର ୪୦ ଜଣିଆ ଚାଷୀ ଦଳ ଛେଳିଗଡ ପ୍ରକଳ୍ପ ଅଂଚଳ ପରିଦର୍ଶନରେ ଯାଇଥିଲେ। ଏହି ଟିମ୍‌ରେ ଘୋଡାହାଡ ଜଳଶୀର୍ଷ କମିଟିର ସଭାପତି ଓ କୋଷାଧ୍ୟକ୍ଷ ମଧ୍ୟ ସାମିଲ୍ ହୋଇଥିଲେ। ଜଳ ସୁରକ୍ଷା କମିଟିର ଆବାହକ ତଥା କୃଷକ ନେତା ବୃନ୍ଦାବନ ଖଟେଇଙ୍କ ନେତୃତ୍ୱରେ ଏହି ଟିମ୍ ଛେଳିଗଡ ପୈକମ ଅଂଚଳର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ପ୍ରକଳ୍ପ ଅଂଚଳର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ପରେ ଘୋଡାହାଡ ଜଳ ଶିର୍ଷ କମିଟି ସଭାଗୃହରେ ଗଣମାଧ୍ୟମର ପ୍ରତିନିଧିଙ୍କ ଆଗରେ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଉପରେ ସୁଚନା ଦେଇଥିଲେ। ଛେଳିଗଡ ପ୍ରକଳ୍ପ କାର୍ଯ୍ୟକାରିତାକୁ ନେଇ ଚାଷୀମାନଙ୍କ ମନରେ ଯେଉଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ସେହି ସନ୍ଦେହ ଅନେକ ମାତ୍ରାରେ ଦୂର ହୋଇଥିଲେ ମଧ୍ୟ ପ୍ରକଳ୍ପର କାର୍ଯ୍ୟ କାରିତା ଉପରେ ପ୍ରଶାସନର କାଳକ୍ଷେପଣ ନୀତି ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଛେଳିଗଡ ଜଳ ଘୋଡାହାଡ ଡ୍ୟାମ୍‌ରେ ପଡିବା ପାଇଁ ଯେଉଁ ସ୍ରୋତ ରହିଛି ସେହି ମାଙ୍କଡଡିଆଁ ଅଂଚଳର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଛେଳିଗଡ ମୁଖ୍ୟ ଜଳସ୍ରୋତ ଅଂଚଳକୁ ପରିଦର୍ଶନ କରିଥିଲେ। ସେଠାରୁ ଜଳ ସମ୍ପ୍ରସାରଣ ପାଇଁ ଯେଉଁ ୭୦ ପ୍ରତିଶତ ପାହାଡ ମଧ୍ୟରେ ଟନେଲ୍ କାର୍ଯ୍ୟ ହୋଇଛି ତାହା ସେମାନେ ଅନୁଭବ କରିଥିଲେ। ଜଳ ସୁରକ୍ଷା କମିଟିର ଆବାହକ ତଥା କୃଷକ ନେତା ବୃନ୍ଦାବନ ଖଟେଇଙ୍କ ଦାବୀପ୍ରକାରେ ଛେଳିଗଡ ଜଳ ଘୋଡାହାଡରେ ପକାଇ ସେଠାରୁ କୁକୁଡାଖଣ୍ଡି ବ୍ଲକ୍‌ର ଦକ୍ଷୀଣପୁର ଘାଇ ପର୍ଯ୍ୟନ୍ତ ସମ୍ପ୍ରସାରିତ କଲେ ଛେଳିଗଡ ଯୋଜନାର ସୁଫଳ ମିଳିପାରିବ ବୋଲି ସେ ମତ ଦେଇଛନ୍ତି। ଘୋଡାହାଡ ଜଳଶୀର୍ଷ କମିଟିର ସଭାପତି ରମେଶ ଚନ୍ଦ୍ର ପାତ୍ର ଓ କୋଷାଧ୍ୟକ୍ଷ ରାମନାଥ ବିଷୋୟୀଙ୍କ ଦାବି ମୁତାବକ ଶୁଖୀଲା ପଡିଥିବା ଘୋଡାହାଡ ଜଳ ଭଣ୍ଡାରକୁ ପୁନଃଉଦ୍ଧାର କରିବା ସହ ଏସ୍.ଟିକରପଡା ଠାରେ ଥିବା ଆକ୍ୟୁଡେଟ୍‌ର କ୍ଷମତାକୁ ବୃଦ୍ଧି କଲେ ତଳ ମୁଣ୍ଡର ଚାଷୀ ଉପକୃତ ହୋଇପାରିବେ।

## ଗାଈ ବାଛୁରୀ କ୍ରୟରେ ଦୁର୍ନୀତି: ସ୍ୱୟଂସହାୟକ ଗୋଷ୍ଠୀ ହଟହଟା

**ଦିଗପହଣ୍ଡି, ୫ ।୨(ସମିସ):** ଦିଗପହଣ୍ଡି ବ୍ଲକ ଅଧିନସ୍ଥ ସିଦ୍ଧେଶ୍ୱର ଗୋଶାଳା ଗାଈ ବାଛୁରୀ କ୍ରୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ମାତ୍ର କିଛିଦିନ ବ୍ୟବଧାନରେ ୯ଟି ବାଛୁରୀ ମୃତ୍ୟୁବରଣ କରିଥିବାବେଳେ ଗୋଟିଏ ଗାଈର ଅବସ୍ଥା ସଙ୍କଟାପନ୍ନ ରହିଥିବା ନେଇ ଦିଗପହଣ୍ଡି ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସଙ୍କ ନିକଟରେ ଅଭିଯୋଗ ହୋଇଛି। ଗାଈ ରଣ ଆଣି ମହିଳା ଗୋଷ୍ଠୀ ହଟହଟା ହୋଇଥିବା ସୋମବାର ବିଡ଼ିଓଙ୍କୁ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ସେମାନଙ୍କୁ ଦେଖାଯାଇଥିବା ଗାଈ ନଦେଇ ପ୍ରଶାସନ ପକ୍ଷରୁ ନିକୃଷ୍ଟ ମାନର ଗାଈ ଓ ବାଛୁରୀ କ୍ରୟ କରାଯାଇଥିଲା। ୨୦୨୩ ଡିସେମ୍ବର ୧୮ ତାରିଖ ଦିନ ମହିଳା ସଦସ୍ୟ ମାନେ ଭୁବନେଶ୍ୱର ଯାଇ ଏକ ନିର୍ଦ୍ଧିଷ୍ଟ ଫାର୍ମରୁ ଗୋଟିଏ ଗାଈ ବାଛୁରୀକୁ ୫୦ ହଜାର ଟଙ୍କା ମୂଲ୍ୟରେ କ୍ରୟ କରିଥିଲେ। ଗାଈ ରଣ ନେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କ ନିଷ୍ପତ୍ତି କ୍ରମେ ୧୫ଟି ଗାଈ କିଣିବା ପାଇଁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ସେମାନଙ୍କୁ ୧୮ ଗାଈ କ୍ରୟ ପାଇଁ ପ୍ରଶାସନ ପକ୍ଷରୁ ବାଧ୍ୟ କରାଯାଇଥିଲା। ଫଳରେ ସେମାନଙ୍କ ନିକଟରେ ଗାଈ ବାଛୁରୀଙ୍କ ଖାଦ୍ୟପେୟ ଓ ରକ୍ଷଣାବେକ୍ଷଣ ସକାଶେ ଆବଶ୍ୟକ ଅର୍ଥ ଅଭାବ ଦେଖାଦେଇଥିଲା । ନିକୃଷ୍ଟ ମାନର ଗାଈ କ୍ରୟ ଯୋଗୁଁ ଗୋଟିଏ ଗାଈ ମାତ୍ର ୨ରୁ ଅଢ଼େଇ ଲିଟର କ୍ଷୀର ଦେଇଥାନ୍ତି ଯାହାକି ସେମାନଙ୍କ ଖାଦ୍ୟପେୟ ସକାଶେ ନିଅଣ୍ଟ ହେଉଛି। ରୋଗରେ ଆକ୍ରାନ୍ତ ବାଛୁରୀ ଓ ଗାଈର ସଙ୍କଟାପନ୍ନ ଅବସ୍ଥା ସମ୍ପର୍କରେ ଦିଗପହଣ୍ଡି ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଭିଯୋଗ କରାଯାଇଥିଲା ସୁଦ୍ଧା କାହାରି ଦେଖା ମିଳିନଥିଲା।

# ଏସ୍‌ଇଜେଡ୍ ଶିଳ୍ପକୁ ପିପଲାପଙ୍କା ପ୍ରକଳ୍ପରୁ ଜଳଯୋଗାଣ ହେବ

ଛତ୍ରପୁର, ୫ ।୨(ସମିସ)

ଗୋପାଳପୁର ଏସ୍‌ଇଜେଡ୍ ଶିଳ୍ପ ସକାଶେ ଆବଶ୍ୟକ ହେବାକୁ ଥିବା ଜଳଯୋଗାଣ ପିପଲାପଙ୍କା ପ୍ରକଳ୍ପଠାରୁ ଯୋଗାଇ ଦିଆଯିବ। ଏଥି ସକାଶେ ପୂର୍ବରୁ ପ୍ରସ୍ତାବ ରହିଥିଲା ତାହା କାର୍ଯ୍ୟକାରୀ କରିବା ନିମନ୍ତେ ପିପଲାପଙ୍କା ପ୍ରକଳ୍ପଠାରୁ ଗୋପାଳପୁର ଶିଳ୍ପ ପାର୍କ ପର୍ଯ୍ୟନ୍ତ ବିଛାଯାଇ ଜଳଯୋଗାଣ ବ୍ୟବସ୍ଥା କରାଯିବ। ଏହି ପାଇପ୍ ବିଛା କାର୍ଯ୍ୟକ୍ରମ ସକାଶେ ରେଳବାଇ ବିଭାଗ, ଜାତୀୟ ରାଜପଥ ବିଭାଗ, ଜଳ ସମ୍ପଦ ବିଭାଗ, ଜଙ୍ଗଲ ବିଭାଗ, ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି) ସହମତି କ୍ରମେ ବ୍ୟବସ୍ଥା କରାଯିବ। ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ ସକାଶେ ସୋମବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ



ବୈଠକ ଅନୁଷ୍ଠିତ ହୋଇଯାଇଛି। ପିପଲାପଙ୍କା ପ୍ରକଳ୍ପଠାରୁ ଶେରଗଡ଼, ହିଞ୍ଜିଳି ଭାୟା ଜାତୀୟ ରାଜପଥ ଦେଇ ଟାଟା ପ୍ରକଳ୍ପ ପର୍ଯ୍ୟନ୍ତ ସମୁଦାୟ ୧୦୦ କିଲୋମିଟରରୁ ଅଧିକ ରାସ୍ତାରେ ପାଇପ୍ ବିଛାଯିବ। ରାସ୍ତା ପାର୍ଶ୍ୱରେ ବିଛାଯିବାକୁ ଥିବା ଏହି ପାଇପ୍ ଲାଇନ୍ ରେଳ ବିଭାଗ, ଜଙ୍ଗଲ ବିଭାଗ, ଜାତୀୟ ରାଜପଥ ଜଳ ସମ୍ପଦ ବିଭାଗଠାରୁ ଅନୁମତି ସଂଗ୍ରହ ଯଥାଶୀଘ୍ର କରି ହସ୍ତାନ୍ତର କରିବା ସକାଶେ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଅବଗତ କରାଇଥିଲେ। ଏହି କାର୍ଯ୍ୟ ସମାପନ ସକାଶେ ଦୁଇ ବର୍ଷ ସମୟ ଲାଗିବ। ଯଥାଶୀଘ୍ର ସମାପନ କରିବାକୁ ଇଡକୋ ଦ୍ୱାରା ନିର୍ଦ୍ଦେଶ ରହିଥିବା ବୈଠକରେ ଜଣାପଡ଼ିଛି। ବୈଠକରେ ବ୍ରହ୍ମପୁର ଡିଏଫଓ ସନି ଖରଖର, ଓଏସଡି ତଥା ଅବସରପ୍ରାପ୍ତ ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଯନ୍ତ୍ରୀ ସଲିଲ ଶେଖର ସାମନ୍ତ, ପ୍ରକଳ୍ପ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ, ଦୀପାର ଟିମ୍ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉକି ଗୋପାଳପୁର ଏସ୍.ଇ.ଜେଡ୍ ଶିଳ୍ପ ନିମନ୍ତେ ପ୍ରସ୍ତାବିତ ଜଳ ଯୋଗାଣ ନିମନ୍ତେ କଂସାରୀଗଣ୍ଡ ପ୍ରକଳ୍ପରୁ ୫ ନିୟୁତ ଲିଟର, ଘଟେକେଶ୍ୱର ପ୍ରକଳ୍ପରୁ ୧୦ ନିୟୁତ ଲିଟର ଏବଂ ପିପଲାପଙ୍କା ପ୍ରକଳ୍ପରୁ ୬୦ ନିୟୁତ ଲିଟର ଜଳଯୋଗାଣ ହେବ।

# ଭଞ୍ଜନଗର ବିଜେପିରେ ଗୋଷ୍ଠୀ କନ୍ଦଳ

# ନେତୃତ୍ୱକୁ ନେଇ ଟଣାଓଟରା

**ଭଞ୍ଜନଗର, ୫ ।୨(ସମିସ):** ଆଗକୁ ଆସୁଛି ୨୦୨୪ ସାଧାରଣ ନିର୍ବାଚନ। ଏହାକୁ ନେଇ ସବୁ ରାଜନୈତିକ ଦଳ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଜୁ ଜନତା ଦଳ ତରଫରୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ଅହରହ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଜାରି ରହିଛି। କଂଗ୍ରେସ ପକ୍ଷରୁ ମଧ୍ୟ କିଛି ନେତା ଓ ଆଶାୟୀ ପ୍ରାର୍ଥୀ ବିଭିନ୍ନ ଅଞ୍ଚଳକୁ ଯାଇ ଜନସାଧାରଣଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରୁଥିବା ଦେଖାଯାଇଛି। ଗତ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିବା ବିଜେପି କର୍ମୀ ଓ ନେତାଙ୍କ ମଧ୍ୟରେ ତାଳ ମେଳ ରହୁ ନ ଥିବା ଦେଖାଯାଇଛି। ଦଳ ମଧ୍ୟରେ ବହୁ ନେତା ବିଧାୟକ ଆଶାୟୀ ପ୍ରାର୍ଥୀ ଭାବେ ନିଜର କାର୍ଯ୍ୟଦକ୍ଷତା ପ୍ରକାଶ କରିବାରେ ଲାଗିଛନ୍ତି। ବିଜେପି ଦଳରେ ନିଜ ନିଜ ଭିତରେ ଅନ୍ତର୍ଦ୍ୱନ୍ଦ୍ୱ ଥିବା କଥା ସାମ୍ନାକୁ ଆସିଛି। ଯାହାକୁ ନେଇ କର୍ମୀମାନେ ହତୋତ୍ସାହିତ ହୋଇ ପଡ଼ିଛନ୍ତି।



ଶୁଣିବାକୁ ମିଳୁଛିଯେ, କିଛି ଦିନ ତଳେ ଗତଥରର ପରାଜିତ ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନେତୃତ୍ୱରେ ଦୁବଠାରେ ଏକ ଗୋପନୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାର ଜବାବରେ ଯୁବ ନେତା ଅଯୋଧ୍ୟା ନାଥ ମହାପାତ୍ର, ଗଡିଭାଇଙ୍କ ନେତୃତ୍ୱରେ ମଧ୍ୟ ଜଗନ୍ନାଥ ପ୍ରସାଦର ଲଙ୍କାଗଡ଼ ଠାରେ ଶତାଧିକ କର୍ମୀଙ୍କୁ ନେଇ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗତ ନିର୍ବାଚନରେ ଦଳର ପରାଜୟ ସମ୍ପର୍କରେ ଆଲୋଚନା ହୋଇଥିଲା। ନିର୍ବାଚନରେ ଦଳୀୟ ପାଣ୍ଠିର ସଠିକ ବିନିଯୋଗ ହୋଇ ନଥିବା କିଛି ବିଜେପି କର୍ମୀ ଏହି ବୈଠକରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଏସବୁ ପରେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ଗୋଷ୍ଠୀ କନ୍ଦଳ କାରଣରୁ ବିଜେପି ଦୁଇ ଫାଳ ହୋଇ ଯାଇଥିବା ଜଣାପଡ଼ିଛି। ଯଦି ଦଳୀୟ ସଙ୍ଗଠନକୁ ନେତୃବୃନ୍ଦ ମଜବୁତ ନକରନ୍ତି ତେବେ ଆଗାମୀ ନିର୍ବାଚନରେ ଦଳ ଶୋଚନୀୟ ପରାଜୟ ବରଣ କରିବ ଏଥିରେ ସନ୍ଦେହ ନାହିଁ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ବ୍ରହ୍ମପୁର, ୫ ।୨(ସମିସ):** ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକର ବଙ୍କିପଲ୍ଲୀ ଗ୍ରାମପଞ୍ଚାୟତ ଠାରେ 'ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଓ ରୂପାନ୍ତିକରଣ' କାର୍ଯ୍ୟକ୍ରମ ନିମନ୍ତେ ଆୟୋଜିତ ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହିତ ଉପସ୍ଥିତ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା, ସଦସ୍ୟ, ସଦସ୍ୟା, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷା, ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ସ୍ଥାନୀୟ ଜନପ୍ରତିନିଧି, ବିଭାଗୀୟ ପଦାଧିକାରୀ, ବିଜେଡି ନେତୃବୃନ୍ଦ, କର୍ମୀ ତଥା ଗ୍ରାମବାସୀଙ୍କ ଗହଣରେ ରହି ସଭାକୁ ସମ୍ବୋଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ 'ଆମ ଓଡ଼ିଶା ତଥା ନବୀନ ଓଡ଼ିଶା ଓ ୫ ଟି' ମାଧ୍ୟମରେ ଗ୍ରାମାଞ୍ଚଳର ପୋଖରୀ, ବିଦ୍ୟାଳୟ, ମନ୍ଦିର, ପାର୍କ, କୋଠଘର ଇତ୍ୟାଦିର ରୁପାନ୍ତିକରଣ ତଥା ବିକାଶ, ନାରୀ ସଶକ୍ତିକରଣ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସେଚନ, ପିଇବା ପାଣି, ଜନ୍ମ ଠାରୁ ଆରମ୍ଭ କରି ମୃତ୍ୟୁ ଶଯ୍ୟା ତଥା ଶ୍ମଶାନ ଘାଟରେ ଅନ୍ତ୍ୟେଷ୍ଟି କ୍ରିୟା ପର୍ଯ୍ୟନ୍ତ ବହୁ ଯୋଜନା ଗୁଡିକ ଲାଗୁ କରିବା ପାଇଁ ପ୍ରାଥମିକତା ଦେଇ ଆସିଥିବାରୁ ବିଧାୟକ ଓ ଗ୍ରାମବାସୀମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହିତ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଥିଲେ।

## ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚର ବନ୍ଧୁମିଳନ

**ଗଞ୍ଜାମ, ୫ ।୨(ସମିସ):** ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଅନୁଷ୍ଠାନର ଦୁଇ ଦୁଇଟି ସାମାଜିକ ନାଟକ 'ସ୍ୱାମୀ ମାନେ ସାବଧାନ' ଓ 'ଏତେ ଦୁଃଖ ଦେଲୁ କାହିଁ ଦଇବ' ପରିବେଷଣ କରି ଅଭୁତ ପୂର୍ବ ସଫଳତାରେରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ କେକ କାଟି ଖୁସି ଜାହିର କରିଥିଲେ। ନିର୍ଦ୍ଦେଶକ ଡ଼ଃ ଶଙ୍କର ଶତପଥୀ ଓ ପଙ୍କଜ କୁମାର ବାରିକି, ମ୍ୟାନେଜର ଗୋବିନ୍ଦ ରେଡି, ସଭାପତି ଶବର ତରାଇ, ଉପସଭାପତି ବିଦ୍ୟାଧାର ସାହୁ, ସମ୍ପାଦକ ରାକେଶ ରଞ୍ଜନ ଦାସ, ଉପଦେଷ୍ଟା ସୁଧୀର କୁମାର ପାଢ଼ୀ, ଉମାକାନ୍ତ ବେହେରା, ନୀଳାଞ୍ଚଳ ବାରିକି, ଅକ୍ଷୟ ସ୍ୱାଇଁ, ପ୍ରଦୀପ କୁମାର ପଣ୍ଡା, କାର୍ତ୍ତିକ ତରାଇ, ବଳରାମ ମାଳି, ମିଥୁନ ବାରିକି, ହରିହର ବାରିକ, ମନୋରଞ୍ଜନ ଜେନା, ସୁଧୀର ସାହୁ, ପପୁ ପଣ୍ଡା, ପ୍ରିତମ, ବିଭୁ, ଜୟ ପ୍ରମୁଖ କର୍ମକର୍ତ୍ତା, ସଦସ୍ୟ, ଅଭିନେତା ଉପସ୍ଥିତ ଥିଲେ।

## ମହାନ ସଂଘର ବନ୍ଧୁମିଳନ ଉତ୍ସବ

**ବ୍ରହ୍ମପୁର, ୫ ।୨(ସମିସ):** ସେବା ହିଁ ପରମ ଧର୍ମ, ସେବା ହି କର୍ମ, ସେବା ହିଁ ଜୀବନ ମାର୍ଗରେ ପରିଚାଳିତ ହୋଇ, ନିଃସ୍ୱାର୍ଥପର ଭାବେ ବହୁ ଝଡଝଞ୍ଜାରେ ସଂଗ୍ରାମ କରି ଦୀର୍ଘ ୪୦ବର୍ଷ ଧରି ବ୍ରହ୍ମପୁର ସହରରୁ ଦିଲ୍ଲୀ ପର୍ଯ୍ୟନ୍ତ ସମାଜ ସେବା, କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ, ବ୍ରହ୍ମପୁର ମହୋତ୍ସବ, ଜରା ନିବାସ, ବୃକ୍ଷ ରୋପଣ, ପୂଜ୍ୟ ପୂଜା, ପ୍ରତିଭା ସମ୍ମାନ, କର୍ମଶାଳା ଆୟୋଜନ, ତାଲିମ ପ୍ରଦାନ, ପାରିବାରିକ ସମସ୍ୟା ସମାଧାନ, ଶିକ୍ଷା ସାହିତ୍ୟ, ମାତୃଭାଷା, ମାଟି ଓ ମା'କୁ ଭଲପାଇବା ପରି କାର୍ଯ୍ୟକ୍ରମ ହାତକୁ ନେଇ ମହାନ୍ ସଂଘର ପ୍ରତିଷ୍ଠାତା ସୁଶାନ୍ତ କୁମାର ସାବତ ଏକ ଇତିହାସ ସୃଷ୍ଟି କରି ଅନ୍ୟ ଅନୁଷ୍ଠାନ ମାନଙ୍କ ନିମନ୍ତେ ପଥ ପ୍ରଦର୍ଶକ ହୋଇପାରିଛନ୍ତି ବୋଲି ରବିବାର ଗୋପାଳପୁର ରୋଡ ସ୍ଥିତ ରାମଚନ୍ଦ୍ରପୁର ଗ୍ରାମ ସ୍ଥିତ ବିଶ୍ୱ ନିକେତନ ପରିସରରେ ଆୟୋଜିତ ସଂଘର ୪୦ତମ ବନ୍ଧୁମିଳନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ଆଇ ଏସ ଆର ଡି'ର ନିର୍ଦ୍ଦେଶକ ଶ୍ରୀ ସୁଧୀର ସାବତ, ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ହେମାଙ୍ଗ ରାଉଳ, ଅଶୋକ ବ୍ରହ୍ମା, ସମୀର ଆଚାର୍ଯ୍ୟ, ସମାଜସେବୀ ଶ୍ରୀ ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ପ୍ରଭାକର ସାହୁ, ବାସୁଦେବ ସାହୁକାର, ଶ୍ରୀମତୀ କିରଣବାଳା ମିଶ୍ର, ଡ ସୂଚନା ପାଢ଼ୀ, ଡ ସନ୍ଧ୍ୟାରାଣୀ ପଟନାୟକ, ବାଳକୃଷ୍ଣ ସାମନ୍ତରା, ଶ୍ରୀମତୀ ନଳିନୀ ସାହୁ, ଗୋପାଳ ପଟନାୟକ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶ୍ରୀମତୀ ବନ୍ଦିତା ତ୍ରିପାଠୀ, କର୍ଣ୍ଣେଲ ଅଶୋକ ତ୍ରିପାଠୀ, ଶ୍ରୀମତୀ ପୁଷ୍ପାଞ୍ଜଳି ମହାପାତ୍ର, ଦିଲୀପ ମହାପାତ୍ର, ସସ୍ମିତା ସାହୁ, ତ୍ରିନାଥ ନାୟକ, ଶୁଭସ୍ମିତା ସାବତ ଓ ବୃନ୍ଦାବନ ବେହେରାଙ୍କ ସମେତ ବହୁ ସଂଗଠନର ମୁଖ୍ୟ, ଗଣମାଧ୍ୟମ ବ୍ୟକ୍ତିତ୍ୱ, ବୁଦ୍ଧିଜୀବୀ ଓ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ। ସହ ସମ୍ପାଦକ ପ୍ରକାଶ ଭାଜନି ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ବରିଷ୍ଠ ସଦସ୍ୟ ତଥା ସାମ୍ବାଦିକ ସୁଦୀପ ସାହୁ ସଙ୍ଗୀତ ଗାନ କରିଥିଲେ।

## ପ୍ଲାଷ୍ଟିକମୁକ୍ତ ସଚେତନତା




**ଦିଗପହଣ୍ଡି, ୫ ।୨(ସମିସ):** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ରବିବାର ଦିଗପହଣ୍ଡି ବ୍ଲକ ଖମ୍ବାରୀ ଗାଁ ସ୍ଥିତ ଘୋଡାହାଡ ଜଳଭଣ୍ଡାର ତଟରେ ରହିଥିବା ପର୍ଯ୍ୟଟନ ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ କରିବା ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଇକୋ କ୍ଲବ୍ ସଂଯୋଜକ ଶଙ୍କର ନାରାୟଣ ବେଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ଦିବ୍ୟ ରଞ୍ଜନ ସାହୁ, ଖମ୍ବାରୀ ଗାଁ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼ଙ୍କ ସମେତ ବ୍ରହ୍ମପୁର ସବୁଜ ବାହିନୀ ସଦସ୍ୟ, ସ୍ଥାନୀୟ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଏବଂ ୱାର୍ଡ ସଦସ୍ୟ/ସଦସ୍ୟା ମାନେ ଅଂଶଗ୍ରହଣ କରିଥିଲେ। ପ୍ଲାଷ୍ଟିକ ମୁକ୍ତ କରାଯିବା ପାଇଁ ଘୋଡାହାଡ ଜଳଭଣ୍ଡାର ଏବଂ ଏହାର ଆଖପାଖ ପର୍ଯ୍ୟଟନ କ୍ଷେତ୍ର ଗୁଡିକରେ ବନ କର୍ମଚାରୀ ଓ ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟ ମାନେ ବୁଲି ବୁଲି ପର୍ଯ୍ୟଟକଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବନବିଭାଗ କର୍ମଚାରୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଆସିକା, ୫ ।୨(ସମିସ):** ଆସିକା ବ୍ଲକ ଅନ୍ତର୍ଗତ ବାଲିସିରା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଦୈତାରୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ମଞ୍ଜୁଲା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଫକୀର ଚରଣ ପରିଡ଼ା, ପଞ୍ଚାୟତ ସମିତି ଅଧ୍ୟକ୍ଷା ତ୍ରିବେଣୀ ନାହାକ, ଉପାଧ୍ୟକ୍ଷା ରେଶମା ଦୋରା, ଜିଲ୍ଲା ପରିଷଦ ସଭ୍ୟ ଅନିମା ପରିଡ଼ା, ସମିତି ସଭ୍ୟ ବିଷ୍ଣୁପ୍ରିୟା ବେହେରା ଏବଂ ପିଇଓ ସୁକାନ୍ତ କୁମାର ନାୟକ



ପ୍ରମୁଖ ଉପସ୍ଥିତ ଥିଲେ। ସଚେତନତା ଶିବିର ମାଧ୍ୟମରେ ଗାଁ ଗାଁରେ କିଭଳି ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳୀଗୁଡ଼ିକର ରୂପାନ୍ତରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ ହୋଇଛି ସେନେଇ ଲୋକମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ, ଏମ୍‌ବିକେ, ସିଆରପି, ବ୍ୟାଙ୍କ ମିତ୍ର, ଅଙ୍ଗନବାଡି କର୍ମୀଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା।

## ବ୍ଲକସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ଦିଗପହଣ୍ଡି, ୫ ।୨(ସମିସ):** ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତ ଅନ୍ତର୍ଗତ ମଦନମୋହନପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ବ୍ଲକସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ ସଂଯୋଜନା କରିଥିଲେ। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ମହନୀୟତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ ବିଶ୍ରବା ପାଇକ, ଶିକ୍ଷକ ଜଗଦୀଶ ସାହୁ, ସଞ୍ଜୟ ଶତପଥୀ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିବରାମ ପ୍ରଧାନ, ପ୍ରଭାତ ପାଢ଼ୀ, ବିନୋଦ ଭୂୟାଁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଅରୁଣ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ରାଉତ, ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ଓଡ଼ିଆ ଭାଷା ଆମ ଭବିଷ୍ୟତ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକର ୧୬ଟି କ୍ଲଷ୍ଟରର ୧୨୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ସିଆରସିସିଙ୍କ ସମେତ ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

## ଆର୍ଦ୍ରଭୂମି ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ନିଆରା ପ୍ରୟାସ

**ବ୍ରହ୍ମପୁର, ୫ ।୨(ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ସ୍ନାତକୋତ୍ତର ବିଭାଗ, ବ୍ରହ୍ମପୁର ବନଖଣ୍ଡ ଏବଂ ଗଞ୍ଜାମ ଜିଲ୍ଲା ଇକୋ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ବିଶ୍ୱ ଆର୍ଦ୍ରଭୂମି ଦିବସ ୨୦୨୪ ଅବସରରେ ତାମ୍ପରା ହ୍ରଦ ଯାହା ଓଡ଼ିଶାର ନୂତନ ରାମସର ଆର୍ଦ୍ରଭୂମି ଅଟେ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ତାମ୍ପରା ହ୍ରଦର ଶାନ୍ତ ଉପକୂଳରେ ଏହି ବିଶ୍ୱ ଆର୍ଦ୍ରଭୂମି ଦିବସର କାର୍ଯ୍ୟ ତଥା ପରିବେଶ ସଚେତନତାର ଏକ ଜୀବନ୍ତ ବିବରଣୀ ପ୍ରସ୍ତୁତ କରାଯାଇଥିଲା। ବିଷୟବସ୍ତୁ 'ଆର୍ଦ୍ରଭୂମି ଏବଂ ମାନବ କଲ୍ୟାଣ' କାର୍ଯ୍ୟକ୍ରମକୁ ଏକ ସାଧାରଣ ସଫେଇ ଅଭିଯାନକୁ ଅତିକ୍ରମ କରି ସାମୂହିକ ଦାୟିତ୍ୱ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ଇକୋସିଷ୍ଟମର ସୁରକ୍ଷା ପାଇଁ ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ପ୍ରତୀକରେ ପରିଣତ ହେଲା। ସମ୍ପୃକ୍ତ ଅଞ୍ଚଳକୁ ବର୍ଜ୍ୟବସ୍ତୁରୁ ମୁକ୍ତି କରିବା ପାଇଁ ମିଳିତ ଉଦ୍ୟମ କରାଯାଇଥିଲା। ପରିବେଶ ଗୋଷ୍ଠୀ, ସରକାରୀ, ସ୍ଥାନୀୟ




ସମ୍ପ୍ରଦାୟ, ବିଦ୍ୟାଳୟ, ଏବଂ ବ୍ୟବସାୟ ପରି ବିଭିନ୍ନ ଗୋଷ୍ଠୀର ଲୋକମାନେ ଏକତ୍ରିତ ହୋଇ ହ୍ରଦର ଯତ୍ନ ନେବାକୁ ପ୍ରତିଜ୍ଞା କରିଥିଲେ। ଆର୍ଦ୍ରଭୂମିର ସୁରକ୍ଷା ଏବଂ ପରିବେଶ ପରିଷ୍କାର ଏବଂ ସୁସ୍ଥ ରହିବା ପାଇଁ ସେମାନେ ସଙ୍କଳ୍ପ ନେଇଥିଲେ। ଏହି ଅବସରରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡକ୍ଟର ବି. ଅଞ୍ଜାନ କୁମାର ପୃଷ୍ଟି ଏବଂ ପରିବେଶ ବିଜ୍ଞାନ ବିଭାଗର ଅଧ୍ୟାପକମାନେ ସକ୍ରିୟ ସାମିଲ ହୋଇଥିଲେ। ଗଞ୍ଜାମ ଜିଲ୍ଲା ଇକୋ-କ୍ଲବ ସଂଯୋଜକ ଡକ୍ଟର ଏସ ଏନ ବେଜ, ବନ ବିଭାଗର ପ୍ରଭାକର ନାୟକ ଏବଂ ବ୍ରହ୍ମପୁର ଡିଭିଜନର ମାଣିକେଶ୍ୱରୀ ହାଂସଦା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି କ୍ରସ୍-ସେକ୍ଟୋରାଲ୍ ସହଯୋଗ ପରିବେଶ ଲକ୍ଷ୍ୟ ହାସଲ କରିବାରେ ଏକତାର ଶକ୍ତି ଆଲୋକିତ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ସରୋଜ କୁମାର ସାହୁ, ଡକ୍ଟର କବିତା ବାରାଳ, ଡକ୍ଟର ସନ୍ତୋଷ ବେଜ, ଡକ୍ଟର ରାକେଶ ପାଲ ଏବଂ ମାନସ ବାରିକ ଉପସ୍ଥିତ ଥିଲେ। ବିଭାଗର ଛାତ୍ର ଏବଂ ଗବେଷକମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ସହକାରୀ ପ୍ରଫେସର ଡକ୍ଟର କବିତା ବରାଳ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଇପୁର ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷା ପୁରସ୍କାର

**ଦିଗପହଣ୍ଡି, ୫ ।୨(ସମିସ):** ଦିଗପହଣ୍ଡି ବ୍ଲକ ରାଇପୁର ପ୍ରାଥମିକ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛି। ପୁରସ୍କାର ପାଇବା ପରେ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିବାକର ପାଣିଗ୍ରାହୀ ଏବଂ ସହକାରୀ ଶିକ୍ଷକ ପ୍ରଭାକର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ଗ୍ରାମରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ରବା ପାଇକ, ନାଏବ ସରପଞ୍ଚ ରାମଚନ୍ଦ୍ର ପାଇକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ପାଇକ, ପଙ୍କଜ କୁମାର ଗମାଙ୍ଗ, ପଞ୍ଚାନନ ପାତ୍ର, ସୁରେଶ ଚନ୍ଦ୍ର ନାୟକ, ବିଜୟ କୁମାର ପ୍ରଧାନ, ଶିବରାମ ପ୍ରଧାନ, ପଦ୍ମନ ସାହୁ, ନନ୍ଦିନୀ ନାୟକ, ସୀମାଞ୍ଚଳ ସାହୁ, ମନୋଜ ଦାସ, ରାମଚନ୍ଦ୍ର ଦଳାଇ, କୃଷ୍ଣଚନ୍ଦ୍ର ଶବର, କୁଞ୍ଜ ବିହାରୀ ପାଇକ, ଦୁର୍ଗା ପ୍ରସାଦ ଦାସ, ଅନଙ୍ଗ କୁମାର ଦଳାଇ, ବାଙ୍କ ପାଇକ, ମଞ୍ଜୁଳା ପ୍ରଧାନ, ଲୋହିତ ପାଇକ ପ୍ରମୁଖଙ୍କ ସମେତ ଆଖପାଖ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ସହକାରୀ ଶିକ୍ଷକ ବୃନ୍ଦ ଶୋଭାଯାତ୍ରାରେ ସାମିଲ ଥିଲେ।

## ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

**ଦିଗପହଣ୍ଡି, ୫ ।୨(ସମିସ):** ଦିଗପହଣ୍ଡି ସ୍ଥିତ ମଧୁ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ 'ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଅନିଲ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେହିପରି ଏବିଇଓ ବାଳା ମାଝୀ, ବିଶ୍ରବା ପାଇକ, ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଅନ୍ୟତମ ଅତିଥି ଭାବେ ସିଆରସିସି ରବୀନ୍ଦ୍ର ବେହେରା, ମେନସନ ପ୍ରଧାନ, ସରୋଜ ସାହୁ, ବାବୁଲାଲ ନାୟକ, ସୁବ୍ରତ ପଣ୍ଡା, ଦେବେନ୍ଦ୍ର ବେହେରା ଯୋଗଦେଇ ଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କ ଗହଣରେ ଆସିଥିବା ଛାତ୍ରଛାତ୍ରୀମାନେ ଓଡ଼ିଶାର ସଂସ୍କୃତି ଓ କଳା ଉପରେ କାର୍ଯ୍ୟ ଦକ୍ଷତା ପରିବେଷଣ କରିଥିଲେ। ଶିକ୍ଷକ ଉପେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବିଜେପିର ଗାଁକୁ ଚାଲ ଅଭିଯାନ

**ରମ୍ଭା, ୫ ।୨(ସମିସ):** ବିଜେପିର ସନ୍ତୋଷପୁର ମଣ୍ଡଳର ମଲାଡ ପଞ୍ଚାୟତର କୁଶପଲ୍ଲୀ ମା ଚାମଣ୍ଡା ମନ୍ଦିର ପ୍ରାଙ୍ଗଣରେ ଗାଁକୁ ଚାଲ ଅଭିଯାନ କର୍ମଶାଳା ହୋଇଥିଲା। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ତଥା ଅନୁସୂଚିତ ଜାତିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୀର୍ତ୍ତନ ଦାସ, ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଛତ୍ରପୁର ନିର୍ବାଚନମଣ୍ଡଳୀ ନେତା ତଥା ଗଞ୍ଜାମ ଜିଲ୍ଲା ଅନୁସୂଚିତ ଜାତି ସଭାପତି ପ୍ରଶାନ୍ତ କୁମାର କର, ଗଞ୍ଜାମ ଜିଲ୍ଲା ଉପସଭାନେତ୍ରୀ ରଶ୍ମିରାଣୀ ମହାପାତ୍ର, ଜିଲ୍ଲା ସମ୍ପାଦକ ତଥା ମତ୍ସ୍ୟଜୀବୀ ନେତା ଭୀମସେନା ବେହେରା, ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ନାଥ ସାହୁ, ମଣ୍ଡଳ ସଭାପତି ସନ୍ତୋଷ କୁମାର ନାହାକ, ମଲାଡ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ରାଜୁ ଦାସ ଓ ନିରଞ୍ଜନ ନାହାକ, ରାମଗଡ଼ ସରପଞ୍ଚ ପ୍ରତିନିଧି ବିକ୍ରମ କୁମାର ଦାସ, ପାଲଙ୍ଗ ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ଦୋରା ପ୍ରମୁଖ ଯୋଗଦେଇଥିଲେ।

## ବିଜେପିର ସମାବେଶ

ଚିକିଟି, ୫ ।୨(ସମିସ): ଚିକିଟି ବ୍ଲକ କୋଟଲିଙ୍ଗ୍ ଠାରେ ବିଜେପିର କାର୍ଯ୍ୟକର୍ତ୍ତା ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ଡ ସୁବାସ ସାହୁ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ଚିକିଟି ବିଧାୟକ ପାର୍ଥି ମନୋରଞ୍ଜନ ଦ୍ୟାନସାମନ୍ତରା, ପାତ୍ରପୁର ବ୍ଲକ ଅଧ୍ୟକ୍ଷା ୱାଇ ସଂଯୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ନିଷ୍କ୍ରମଣ ଉତ୍ସବ

**ବୁଗୁଡ଼ା, ୫ ।୨(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ନିଷ୍କ୍ରମଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ବ୍ରଜ କିଶୋର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିରଞ୍ଚିପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ହୋତା, ସମ୍ମାନିତ ଅତିଥି ଭାବେ ସନ୍ତୋଷିନୀ ପାତ୍ର



ଓ ଅଶୋକ ନନ୍ଦ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ବରିଷ୍ଠ ଗୁରୁମା ସୁମତି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନାଚାର୍ଯ୍ୟ ଉତ୍ତମ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରମେଶ ଚନ୍ଦ୍ର ଆଲଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ରମ୍ଭା ସାହିତ୍ୟ ଘରର ସମ୍ମିଳନୀ

**ରମ୍ଭା, ୫ ।୨(ସମିସ):** ରମ୍ଭା ସହରର ଗାୟତ୍ରୀ ଶକ୍ତି ପୀଠ ପରିସରରେ ସାହିତ୍ୟ ଘର ବିଜ୍ଞାପିତ ଅଞ୍ଚଳ ପରିଷଦ, ରମ୍ଭା ଓ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦ ରମ୍ଭାର ମିଳିତ ସହଯୋଗରେ ସାହିତ୍ୟ ଘରର ସଭାପତି ଜୟକୃଷ୍ଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଗୁରୁ ରବୀନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସମ୍ପାଦକ ତଥା ସାହିତ୍ୟ ଘରର ଉପଦେଷ୍ଟା ବରିଷ୍ଠ କବି ପଞ୍ଚାନନ ଖଟୁଆ, ସାହିତ୍ୟ ଘରର ସମ୍ପାଦକ ଶେଷଦେବ ବେହେରା ପ୍ରମୁଖ ଯୋଗଦେଇ 'ଭାଷା ଅତୀତର ଅସ୍ତିତ୍ୱ ଓ ଭାଷା ହିଁ ଭବିଷ୍ୟତ' ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ନିରଞ୍ଜନ ବେହେରା, ସି. ରାମେୟା ପାତ୍ର, ସୁଦର୍ଶନ ଜେନା, ଉମାକାନ୍ତ ସାହୁ, ରଥାଙ୍ଗ ରମଣ ନାହାକ, ବି.ଲିଙ୍ଗରାଜ ପାତ୍ର, ପାର୍ଥ ସାରଥି ପାତ୍ର, ଲମ୍ବୋଦର ମହାନ୍ତି, ମୋଚିରାମ ବେହେରା ଯୋଗଦେଇଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

**ସାନଖେମୁଣ୍ଡି, ୫ ।୨(ସମିସ):** ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ କଙ୍କୋରଡ଼ା ପଞ୍ଚାୟତ କଙ୍କୋରଡ଼ା ଗ୍ରାମରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଙ୍କୋରଡ଼ା ସରପଞ୍ଚ ମିନତି ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ସିପି ପ୍ରଦୀପ କୁମାର ମହାନ୍ତି, ଏପିଓ ଅରୁଣ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କରି ଆମ ଓଡ଼ିଶା ନବୀନ ଓଡ଼ିଶା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡିକର ବିଷୟ ଷୟରେ ରୂପାନ୍ତରିତକରଣ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷା ରିଙ୍କି ନାୟକ, ସରପଞ୍ଚ ପ୍ରତିନିଧି ମିଥୁନ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଶ୍ୱନାଥ ସେଠୀ, ବ୍ଲକ ପ୍ରକଳ୍ପ ସଂଯୋଜକ ଦୁର୍ଯୋଧନ ମଲ୍ଲିକ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଖଟେଇ, ଉପାଧ୍ୟକ୍ଷା ପ୍ରତିନିଧି ସଞ୍ଜୟ ନାୟକ, ଯୋଗାଣ ସହାୟକ ସନାତନ ଡାକୁଆ ପ୍ରମୁଖ ଯୋଗଦେଇଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ଓଡ଼ିଆ ଭାଷାର ବିକାଶ ଉପରେ ଗୁରୁତ୍ୱାରୋପ

**ପାରଳାଖେମୁଣ୍ଡି, ୫ ।୨(ସମିସ)**

ଜିଲ୍ଲାସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ କର୍ତ୍ତୃପକ୍ଷ (ଓସେପା) ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଆନୁକୂଲ୍ୟରେ ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳାଇ ଉଦ୍‌ଘାଟନ କରିଥିଲେ। ପରେ ବିଭିନ୍ନ ବ୍ଲକ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ଓଡ଼ିଆ ଭାଷା ସାହିତ୍ୟକୁ ନେଇ ଚିତ୍ରାଙ୍କନ, ବିତର୍କ ଓ କୁଇଜ୍ ପ୍ରତିଯୋଗିତା



ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଷାର ବିକାଶ, ପିଲାଏ ଓଡ଼ିଆରେ କଥାବାର୍ତ୍ତା ହେବା, ଶୁଦ୍ଧ ଓଡ଼ିଆ ଭାଷା କହିବା, ଲେଖିବା, ପଢ଼ିବା ଓ ପଲିଥିନ ବ୍ୟବହାର ନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଭାଷାର ମହତ୍ୱ ଓ ଅସ୍ତିତ୍ୱ ବିଷୟରେ ଆଲୋକପାତ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓଡ଼ିଆ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ବିଚିତ୍ରା ନନ୍ଦ ବେବର୍ତ୍ତା, ଆଶାଲତା ପାଣିଗ୍ରାହୀ, ମୁରଲୀ ପରିଚ୍ଛା ଓ ସଚ୍ଚିଦାନନ୍ଦ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ୱାଇ.ଧର୍ମା ରାଓ ଛାତ୍ରଙ୍କୁ ଭାଷା ସାହିତ୍ୟ, କଳା ଓ ସଂସ୍କୃତିର ମହତ୍ତ୍ୱ ଉପରେ ବୁଝାଇଥିଲେ। ସୁଲତା ଶୁଭଦର୍ଶିନୀ ଓ ଶିକ୍ଷକ ଜଗନ୍ନାଥ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସମଗ୍ର ଶିକ୍ଷା ସଂଯୋଜକ ଟି. ସନ୍ତୋଷ ସହଯୋଗ କରିଥିଲେ।

## ନବଜାତ ଶିଶୁପୁତ୍ର ଉଦ୍ଧାର

**ନୂଆଗଡ଼,୫।୨(ସମିସ):** ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଖଜୁରୀପଦାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ଯାତ୍ରୀ ବିଶ୍ରାମଗୃହ ଭିତରେ ପରିତ୍ୟକ୍ତ ଅବସ୍ଥାରେ ୬ ଦିନର ଏକ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। ସିସିଡି ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଶିଶୁକୁ ଉଦ୍ଧାର କରିଥିଲେ। ଶିଶୁ ପୁତ୍ରଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ଜଣେ ବ୍ୟକ୍ତି ସିସିଡି ଜିଲ୍ଲା ସଂଯୋଜକ ବିଜୟ ପ୍ରଧାନଙ୍କୁ ଫୋନରେ ଜଣାଇଥିଲେ। ସିସିଡି କର୍ମଚାରୀ ଇନ୍ଦୁମତି ଦେବୀ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଅନୁଷ୍ଠାନର ସାମାଜିକ କର୍ମୀ ସୁବାସିତ ସ୍ୱାଲସିଂ ଓ ଏ. ବିଳାସିନୀ ତାଣ୍ଡି ଉପସ୍ଥିତ ଥିଲେ।

## କାର୍-ବାଇକ୍ ଧକ୍କା; ଜଣେ ମୃତ

**ଫୁଲବାଣୀ, ୫।୨(ସମିସ):** ଫୁଲବାଣୀ ସଦର ଥାନା କେରେଡ଼ି ଗ୍ରାମ ନିକଟରେ ସୋମବାର ଭୋରରୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ରାଇକିଆ ଥାନା ମାଣିକେଶ୍ୱର ପଞ୍ଚାୟତ ଶିଶପାଙ୍ଗା ଗାଁର ଅବସରପ୍ରାପ୍ତ ସେନା କର୍ମଚାରୀ ଯୁଗଳ ପ୍ରଧାନ ତାଙ୍କ ଜଣେ ସମ୍ପର୍କୀୟଙ୍କୁ ନେଇ ନିଜଗାଁରୁ ବାଇକ୍‌ରେ ଫୁଲବାଣୀ ଆସୁଥିବା ବେଳେ କେରେଡି ନିକଟରେ ବିପରୀତ ଦିଗରୁ ଦ୍ରୁତଗତିରେ ଅସୁଥିବା ଏକ କାର୍ ସମ୍ମୁଖରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଯୁଗଳଙ୍କ ମୃତ୍ୟୁ ହୋଇଥିବା ବେଳେ ବାଇକ୍‌ରେ ବସିଥିବା ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା କାର୍‌ଟି ଫିରିଙ୍ଗିଆ ସହରର ବୋଲି ଜଣାପଡ଼ିଛି। ଏହି ଦୁର୍ଘଟଣାରେ କାର୍ ଚାଳକ ବାଦଲ ଗୌଡ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ତଦନ୍ତ କରୁଛି।

## ଶଙ୍କରାଖୋଲରେ କିଶୋରୀ ମେଳା



**ଚକାପାଦ, ୫।୨(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତ ପରିସରରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ଦୈତାରୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜାନକୀ ପ୍ରଧାନ, ବକ୍ତା ଭାବେ ସୁପଭାଇଜର କୁମୁଦିନୀ ଦେଇ, ପୂର୍ବତନ ଷ୍ଟେଟ ବ୍ୟାଙ୍କ ପରିଚାଳକ ଅନିରୁଦ୍ଧ ପ୍ରଧାନ, ସାମ୍ବାଦିକ ବାଳକୃଷ୍ଣ କହଁର ଯୋଗ ଦେଇଥିଲେ। ଏଥିରେ ବାଳିକା ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ସଚେତନ କରାଯାଇଥିଲା। ଶେଷରେ ବାଳିକାଙ୍କୁ ପ୍ରମାଣପତ୍ର ଦେଇ ଉତ୍ସାହିତ କରାଯାଇଥିଲା।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଖଜୁରୀପଡ଼ା, ୫।୨(ସମିସ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ାସ୍ଥିତ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କୁ ନେଇ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଶିବିର ୮ ଦିନ ଧରି ଚାଲିଥିଲା ବେଳେ ସୋମବାର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର




କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଶିବିରରେ ଅଧ୍ୟାପକ ପ୍ରମୋଦ କୁମାର ନାୟକ ଓ ବାସୁଦେବ ସାହୁ ଯୋଗ ଦେଇଥିଲେ। ଅଧ୍ୟାପକ ତଥା ସଂଯୋଜକ ସମୀର କୁମାର ବେହେରା ପରିଚାଳନା ଓ ରଶ୍ମୀ ରଞ୍ଜନ ଲେଙ୍କା, ରଞ୍ଜନ କୁମାର ବେହେରା, ରାମକୃଷ୍ଣ ପଣ୍ଡା ଓ ଶ୍ରୀପଦ କୁମାର ନାୟକ ସହଯୋଗ କରିଥିଲେ।

## ୧୯୯୧ ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ




**ପାରଳାଖେମୁଣ୍ଡି, ୫ ।୨(ସମିସ):** ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ୧୯୯୧ ମସିହା ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସହର ଉପକଣ୍ଠସ୍ଥ ୫ ମାଇଲରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସେମାନେ ସେମାନଙ୍କର ପୁରୁଣା ଅନୁଭୂତି, ସ୍ମୃତି, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଠପଢ଼ା ଶୈଳୀ, ସେତେବେଳର ବିଭିନ୍ନ ଦରଦାମ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ଧୁମିଳନ ପରେ ସମସ୍ତେ ଏକତ୍ର ହୋଇ ପୁରୁଣା ଅନୁଭୂତିକୁ ସାଉଁଟିବା ପାଇଁ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରକୁ ଯାଇ ଦେଖିଥିଲେ। ଦୁର୍ଗା ମହାପାତ୍ର, ମାନସ ପାଢ଼ୀ, ଆର୍.ଗିରିବାବୁ, ଗିରିଶ ପାଳ, ରାମଶଙ୍କର ପାତ୍ର, ରାମକୃଷ୍ଣ ସାବତ, ବିଭୂ ପଟ୍ଟନାୟକ, ରତିକାନ୍ତ ପଟ୍ଟନାୟକ, ବୁଲୁ ଜେନାଙ୍କ ସହ ୭୫ ଜଣ ବ୍ୟାଚମେଟ ଯୋଗ ଦେଇଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

**ଟିକାବାଲି, ୫।୨(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଦ୍ୱାରା ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଏବଂ ରାଜ୍ୟ ସରକାରଙ୍କ ପ୍ରୟାସ



ଉପରେ ସଚେତନତା କାର୍ଯ୍ୟକ୍ରମ ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କହଁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଢ଼ୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବଣ୍ଟି ଚୌଧୁରୀ, ସିଡିପିଓ ପାନମଣୀ ହାଂସାଦା, ସରପଞ୍ଚ କୁନ୍ଦୁରୁ ମଲିକ, ଅବସରପ୍ରାପ୍ତ ଅଧିକାରୀ ଏବଂ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ପଞ୍ଚାୟତର ସମସ୍ତ ମିଶନ ଶକ୍ତି ମା' ଏବଂ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥି ବୃନ୍ଦ ଉପସ୍ଥିତ ଜନସାଧାରଣଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିଥିଲେ।

## ବ୍ୟବସାୟିକ ପ୍ରତିଷ୍ଠାନର ନାମ ଓଡ଼ିଆରେ ଲେଖିବାକୁ ନିବେଦନ

**ଜି.ଉଦୟଗିରି, ୫।୨(ସମିସ):** ରାଜ୍ୟରେ ପ୍ରଥମ କରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଚାଲିଥିବା ବେଳେ ଓଡ଼ିଆ ଭାଷାକୁ ବିଶେଷ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଓଡ଼ିଆ ଭାଷା ସାହିତ୍ୟର ପୁରୋଧା, ପ୍ରଚାରକ, ସାହିତ୍ୟିକଙ୍କୁ ସରକାରଙ୍କ ତରଫରୁ ସମ୍ମାନିତ କରାଯାଉଛି। ଓଡ଼ିଆ ଭାଷାକୁ ସମ୍ମାନ ଦେବା ପାଇଁ ଜି.ଉଦୟଗିରି ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନର ନାମ ଓଡ଼ିଆରେ ଲେଖିବା ପାଇଁ ଏନ୍‌ଏସି ତରଫରୁ ନିବେଦନ କରାଯାଇଛି। ଏ ନେଇ ଏନ୍‌ଏସି ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ପ୍ରଚାର କରାଯାଇଛି। ଏହା ଏକ ଉଚିତ ପଦକ୍ଷେପ ବୋଲି ବ୍ୟବସାୟୀ କହିଛନ୍ତି।

## ବୁଥ୍ ନାମକରଣ ଓ ସ୍ଥାନ ପରିବର୍ତ୍ତନ ନେଇ ବୈଠକ



**ବାଲିଗୁଡ଼ା, ୫।୨(ସମିସ):** ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ବାଲିଗୁଡ଼ା ଓ ଘୁ.ଉଦୟଗିରି ନିର୍ବାଚନମଣ୍ଡଳୀର କିଛି ମତଦାନ କେନ୍ଦ୍ରର ନାମକରଣ ଓ ସ୍ଥାନ ପରିବର୍ତ୍ତନ ନେଇ ରାଜନୈତିକ ଦଳକୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ଡା. ରୀନା ପ୍ରଧାନ ବୈଠକରେ ଅଧ୍ୟକ୍ଷତା କରିବା ସହିତ ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ସମ୍ପନ୍ନ କରିବା ନେଇ ଉପସ୍ଥିତ ଥିବା ସମସ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସହାୟକ ଜିଲ୍ଲାପାଳ ରୂପକ କୁଜୁର ସମୁଦାୟ ୩୯ ପରିବର୍ତ୍ତିତ ମତଦାନ କେନ୍ଦ୍ରର ନାମ ଏବଂ ସ୍ଥାନାନ୍ତର ହୋଇଥିବା ଗୋଟିଏ ମତଦାନ କେନ୍ଦ୍ରର ସୂଚନା ପ୍ରଦାନ କରିବା ସହିତ ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଭାବେ ଉପଜିଲ୍ଲାପାଳ ଡା. ରୀନା ପ୍ରଧାନ ଏବଂ ଘୁ. ଉଦୟଗିରି ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ଥିବା ନେଇ ସୂଚନା ଦେଇଥିଲେ। କିଛି ସରକାରୀ କର୍ମଚାରୀ ଏକ ରାଜନୈତିକ ଦଳର କାର୍ଯ୍ୟକ୍ରମ ବୈଠକରେ ସକ୍ରିୟ ଅଂଶଗ୍ରହଣ କରୁଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ରାଜନୈତିନ ଦଳ ପ୍ରତିନିଧି ଦାବି କରିଥିଲେ।

## ବରାଳଦେବୀଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭଖୁଣ୍ଟି ସ୍ଥାପନ



**ବାଲିଗୁଡ଼ା, ୫।୨(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସହରର ଅଧିଷ୍ଠାତ୍ରୀ ଦେବୀ ମା' ବରାଳଦେବୀଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ନିମନ୍ତେ ସୋମବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। କନ୍ଧମାଳ ସାଂସଦଙ୍କ ବାଲିଗୁଡ଼ା ପ୍ରତିନିଧି ଟୁନା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାତଃରେ ମାଙ୍କ ମାଜଣା, ନୀତିକାନ୍ତି କାର୍ଯ୍ୟ ସମାପନ ପରେ ଶୁଭଖୁଣ୍ଟିକୁ ବରୁଣ କରାଯାଇ ବାଲିଗୁଡା ନଗର ପରିକ୍ରମା କରାଯାଇଥିଲା। ହୋମକାର୍ଯ୍ୟ ପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ସହରର ସର୍ବପୁରାତନ ପୀଠ ମା' ବରାଳଦେବୀଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆସନ୍ତା ୨୬ରୁ ମାର୍ଚ୍ଚ ୧ ତାରିଖ ଯାଏଁ ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ଶ୍ରୀ ଦାସ କହିଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ, ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା, ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ଉପାଧ୍ୟକ୍ଷା ଶାନ୍ତି ନାୟକ, ବିଜେଡି ନଗର ସଭାପତି ଅବନୀକାନ୍ତ ନାୟକ ଓ ବରଦାପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ମୁଖ୍ୟ ପୁରୋହିତ ପଣ୍ଡିତ ଚିନ୍ତାମଣି ମିଶ୍ର ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ।

## ମୁଣ୍ଡିଗଡ଼ରେ ପଞ୍ଚାୟତସ୍ତରୀୟ ସଚେତନତା

**ତୁମୁଡ଼ିବନ୍ଧ, ୫।୨(ସମିସ):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ମୁଣ୍ଡିଗଡ଼ରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଜମିତା ମଲିକଙ୍କ ଅଧ୍ୟକ୍ଷତା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗିରିଧାରୀ କହଁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବାଲିଗୁଡ଼ା ବିଧାୟକ ରାଜୀବ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ନବୀନ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ସୋରେନ, ମୁଣ୍ଡିଗଡ଼ ପଞ୍ଚାୟତ ବିଜେଡି ସଭାପତି କମଳାକାନ୍ତ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ନେତ୍ର ମାନସେଟ, ବରିଷ୍ଠ ବିଜେଡି କର୍ମୀ ଯୋହନ ବାରିକ, ତୁମୁଡ଼ିବନ୍ଧ ବ୍ଲକ



ବିଜେଡି ସଭାନେତ୍ରୀ ରାଣୁବାଳା ମହାନ୍ତି, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଜ୍ୟୋତିରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ତୁମୁଡ଼ିବନ୍ଧ ବ୍ଲକରେ କାର୍ଯ୍ୟରତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ, ଗ୍ରାମ୍ୟ ରୋଜଗାର ସେବକ କାନସି ଦିଗାଲ, ସମସ୍ତ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଗିରିଧାରୀ କହଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାୟତରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା। ପଞ୍ଚାୟତ କଳାକାରଙ୍କ ଦ୍ୱାରା ସରକାରଙ୍କ ଯୋଜନା ବିଷୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜର କଳା ପ୍ରଦର୍ଶନ କରିଥିଲେ। ନାଟକ ମାଧ୍ୟମରେ କଳାକାର ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ କରିଥିଲେ।

## ବଜାରରେ ପାଇପ୍ ଫାଟି ପାନୀୟଜଳ ନଷ୍ଟ



**ଜି.ଉଦୟଗିରି, ୫ ।୨(ସମିସ):** ମେଗା ପାନୀୟ ଜଳ ପ୍ରକଳ୍ପ ହେବା ପରେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ପାନୀୟ ଜଳ ସମସ୍ୟା ସୁଧୁରୁଛି। କିନ୍ତୁ ଏବେ ଉପରମୁଣ୍ଡରେ ଜଳସ୍ତର କମିବା ସହିତ ଉଚିତ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଆସନ୍ତା ଗ୍ରୀଷ୍ମଋତୁରେ ପାନୀୟଜଳ ସଙ୍କଟ ଦେଖାଦେବା ଆଶଙ୍କା ପ୍ରକାଶ ପାଉଛି। ଜି.ଉଦୟଗିରି ସହରରେ ଏବେ ଅନାବଶ୍ୟକ ପାଇପ୍ ଲାଇନ ସଂଯୋଗ ହେବା ଦ୍ୱାରା ତାହାର ରକ୍ଷଣାବେକ୍ଷଣ ନ ହେବା ପାନୀୟ ଜଳ ନଷ୍ଟ ହେବାର କାରଣ ହୋଇଛି। ବସ୍‌ଷ୍ଟାଣ୍ଡ ସାହି ମୁହଁରେ ପାଇପ୍ ଫାଟି ସପ୍ତାହେ ହେଲା ରାସ୍ତା ଉପରେ ପାନୀୟ ଜଳ ନଷ୍ଟ ହେବାରେ ଲାଗିଛି। କିନ୍ତୁ ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଅନ୍ୟପକ୍ଷରେ ମେଗା ପାନୀୟ ଜଳ ପ୍ରକଳ୍ପକୁ ପାଣି ଯୋଗାଉଥିବା ଶିରିକି ଡ୍ୟାମରେ ଗଚ୍ଛିତ ଜଳସ୍ତର ହ୍ରାସ ପାଉଛି। ଗ୍ରୀଷ୍ମଋତୁ ଆରମ୍ଭ ପୂର୍ବରୁ ଜଳସ୍ତର ହ୍ରାସ ପାଇଥିବାରୁ ଆଗକୁ କେମିତି ପାନୀୟ ଜଳ ଯୋଗାଣ ହେବ ତାହାକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ସମସ୍ୟାକୁ ଦୃଷ୍ଟିରେ ରଖି ପାନୀୟ ଜଳର ଅପବ୍ୟବହାର ରୋକିବାକୁ ସଚେତନତା ସହିତ ଉଚିତ ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଥିବା କୁହାଯାଇଛି।

## ବିଶ୍ୱ କର୍କଟ ଦିବସରେ ସଚେତନତା ଶୋଭାଯାତ୍ରା

**ପାରଳାଖେମୁଣ୍ଡି, ୫ ।୨(ସମିସ):** ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ କର୍କଟ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ଛାତ୍ରଛାତ୍ରୀ କର୍କଟ ରୋଗର ନିରାକରଣ ଏବଂ ରୋଗପାଇଁ କେଉଁ ପରିସ୍ଥିତି ଦାୟୀ ସେ ବିଷୟରେ ସାଧାରଣରେ ସଚେତନ କରିଥିଲେ। ପରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ ଗୃହରେ ଏକ ସଭା ହୋଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ପାତ୍ର ଯୋଗଦେଇ ବିଶ୍ୱ କର୍କଟ ଦିବସ ପାଳନର




ଉଦ୍ଦେଶ୍ୟ ବିଷୟରେ କହିବା ସହ ଏହି ରୋଗର ଲକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମରୁ ଏହାର ଚିହ୍ନଟ କରାଯାଇ ଚିକିତ୍ସା କରାଗଲେ ଏଥିରୁ ମୁକ୍ତି ମିଳିବା ସମ୍ଭବ ବୋଲି କହିଥିଲେ।

## କୁଇ ସମାଜ ଯୁବ ପରିଷଦର ବନ୍ଧୁମିଳନ

**ଖଜୁରୀପଡ଼ା, ୫।୨(ସମିସ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସମ୍ପେପଦର ଜଳାଶୟ ନିକଟରେ କନ୍ଧମାଳ କୁଇ ସମାଜ ଯୁବ ପରିଷଦର ବାର୍ଷିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଉପଦେଷ୍ଟା ଡ. ନିରଦଚନ୍ଦ୍ର କହଁର ଯୋଗ ଦେଇଥିଲେ। କୁଇସମାଜ ସେବାସମିତି ଫୁଲବାଣୀ ମୁଖ୍ୟ ସଭ୍ୟ ଗୌତମ ପ୍ରଧାନ, ସଭାପତି ସୁଦର୍ଶନ କହଁର, ସମ୍ପାଦକ ଅବନୀ କୁମାର କହଁର, ଉପସଭାପତି ରମାକାନ୍ତ ମଲିକ, ସାଂସ୍କୃତିକ ସମ୍ପାଦକ ବିରେନ୍ଦ୍ର କୁମାର କହଁର, ନାରୀ ଉପସଭାନେତ୍ରୀ ସାଇବେଣି କହଁର, ସମ୍ପାଦିକା ଗୀତାଞ୍ଜଳି କହଁର, କୁଇ କବି ପ୍ରଦୀପ କହଁର, ଫୁଲବାଣୀ କର୍ମଚାରୀ ସଂଘର ଗଙ୍ଗାଧର କହଁର, ଉମାଚରଣ ମଲିକ, ଟିକେଶ୍ୱର କହଁର, ବୌଦ୍ଧ ଜିଲ୍ଲା ଉପଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର, ଖଜୁରୀପଡ଼ା ବ୍ଲକ ମଙ୍ଗଳ ଅଧିକାରୀ ରାଜେଶ ମୁର୍ମୁ ଯୋଗ ଦେଇଥିଲେ। କୁଇ କବି ପ୍ରଦୀପ କହଁର ଓ ଗୀତାଞ୍ଜଳି ଦେହୁରୀ ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ କୁଇସମାଜ ଯୁବପରିଷଦ ସଭାପତି ଦେବାଶିଷ କହଁର, ଉପସଭାପତି ଆଲୋକ କହଁର, ମଙ୍ଗରାଜ ପ୍ରଧାନ, ସହସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ, ବିଶ୍ୱମ୍ଭର ପ୍ରଧାନ, କୋଷାଧ୍ୟକ୍ଷ ଭାବିନ୍ଦ୍ର କହଁର, ଫୁଲବାଣୀ ବ୍ଲକ ସଂଯୋଜକ ବାଲ୍ମିକ ପ୍ରଧାନ, ଫିରିଙ୍ଗିଆ ବ୍ଲକ ସଂଯୋଜକ ଶଙ୍କର କହଁର ଉପସ୍ଥିତ ଥିଲେ।

## 'ସଂଗୀତମୟ ପଚାଶ ବର୍ଷ' କାର୍ଯ୍ୟକ୍ରମର ଶେଷ ପ୍ରସ୍ତୁତି ବୈଠକ

**ପାରଳାଖେମୁଣ୍ଡି, ୫ ।୨(ସମିସ):** ଐତିହ୍ୟ ସମ୍ପନ୍ନ ସହର ପାରଳାଖେମୁଣ୍ଡିରେ ଜନ୍ମ ହୋଇ ଓଡ଼ିଶୀ ସଂଗୀତକୁ ସମୃଦ୍ଧ କରିବା ସହ ତା'ର ପ୍ରଚାର ଓ ପ୍ରସାର ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଗୁରୁ ପଣ୍ଡିତ ରଘୁନାଥ ପାତ୍ରଙ୍କ ସଂଗୀତ ଜୀବନର ୫୦ବର୍ଷ ପୂର୍ତ୍ତି ହୋଇଛି। ଏହି ଅବସରରେ ତାଙ୍କ ଅମ୍ଲାନ ସର୍ଜନା ଓ ବିତି ଯାଇଥିବା ମୁହୂର୍ତ୍ତକୁ ରୋମନ୍ଥନ ଉଦ୍ଦେଶ୍ୟରେ ଆୟୋଜିତ ହେଉଛି ଉତ୍ସବ, 'ସଂଗୀତମୟ ପଚାଶ ବର୍ଷ'। ରଘୁନାଥଙ୍କ ଶିଷ୍ୟଙ୍କ ଉତ୍ସର୍ଗୀକୃତ ପ୍ରଚେଷ୍ଟାରେ ଆୟୋଜିତ ହେଉଥିବା ଏହି ଉତ୍ସବ ଆସନ୍ତା ୧୧ତାରିଖ ସନ୍ଧ୍ୟା ୬ଟା ସମୟରେ ପାରଳାଖେମୁଣ୍ଡି ସ୍ଥିତ ସହରାଞ୍ଚଳ ବ୍ୟାଙ୍କ ପଡ଼ିଆରେ ଅନୁଷ୍ଠିତ ହେବ। ରବିବାର କାର୍ଯ୍ୟକ୍ରମର ଚୂଡାନ୍ତ ବୈଠକ ହୋଇଥିଲା। ଆବାହକ ଡା. ଚନ୍ଦନ ଗନ୍ତାୟତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ଏବଂ ଧାରା ସମ୍ପର୍କରେ ବିବରଣୀ ରଖିଥିଲେ। ଉତ୍ସବ ପାଳନ କମିଟି ର ସଭାପତି ନୃସିଂହ ଚରଣ ପଟ୍ଟନାୟକ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ପୂର୍ଣ୍ଣଚନ୍ଦ୍ର ରଥ, ଦୁର୍ଗା ମାଧବ ପଣ୍ଡା, ଇଂ.ଗିରିଜା ଶଙ୍କର



ମିଶ୍ର, ରାମ ଚନ୍ଦ୍ର ମିଶ୍ର, ଶ୍ୟାମ ସୁନ୍ଦର ଗନ୍ତାୟତ, ହରିହର ପଟ୍ଟନାୟକ ଓ ରୁପେଶ ସାହୁ ମତ ରଖିଥିଲେ। ଶେଷରେ କାର୍ଯ୍ୟକାରୀ ସମ୍ପାଦକ ଆଦର୍ଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି

**ପାରଳାଖେମୁଣ୍ଡି, ୫ ।୨(ସମିସ)**

ଗଜପତି ଜିଲ୍ଲା ସଦରମହକୁମାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ. କୁମାର, ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ଯୋଗ ଦେଇଥିଲେ। ଏଥିରେ ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଠା, ବାଘଶାଳ, ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର



୧୦୩ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୮୬ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଅଭିଯୋଗ ଓ ୧୭ଟି ଗ୍ରାମଭିତ୍ତିକ ସମସ୍ୟା ରହିଥିଲା। ୧୧ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଜଣକୁ ରେଡକ୍ରସ୍ ପାଣ୍ଠିରୁ ପାଞ୍ଚ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶୁଣାଣିରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମୋ ଘର ଯୋଜନା, ମନରେଗା, ଗୃହନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ ଓ ରାସ୍ତା ସମସ୍ୟା ସହ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନଅଭିଯୋଗ ଶୁଣାଣିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଦୀପ କୁମାର ପାତ୍ର ଓ ତହସିଲଦାର ନାରାୟଣ ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

